# ଗଞ୍ଜାମରେ ବ୍ୟାପୁଛି ଚର୍ମବିଣ୍ଡି ରୋଗ

ବ୍ରହ୍ମପୁର ଅଫିସ,୧।୧୧

ଗଞ୍ଜାମ ଜିଲାରେ ଗୋରୁମାନଙ୍କ ଭିତରେ ଚର୍ମବିଣ୍ଡି ନାମକ ଏକ ରୋଗ ବ୍ୟାପିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଗୋରୁଙ୍କୁ ଏହି ରୋଗ ଧରୁଛି । କୌଣସି ଗୋଟିଏ କି ଦୁଇଟି ବ୍ଲକ ନୁହଁ, ବରଂ ସବୁ ବ୍ଲକକୁ ଏହା ବ୍ୟାପିଗଲାଣି । ଜିଲାରେ ଏ ପର୍ଯ୍ୟନ୍ତ ୨୩୫୯ ଗୋରୁ ଏହି ରୋଗରେ ଆକ୍ରାନ୍ତ ହେଲେଣି। ମାଲିକଙ୍କ ମଧ୍ୟରେ ରୋଗକୁ ନେଇ କୋକୁଆ ଭୟ ଦେଖିବାକୁ ମିଳିଛି । ଅନ୍ୟପଟେ ପଶୁ ସମ୍ପଦ ବିଭାଗ ମଧ୍ୟ ତତ୍ପର ହୋଇପଡ଼ିଛି। ବ୍ୟାପକ ଭାବେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଶିବିର ଆୟୋଜିତ ହେଉଛି। ତେବେ କେବଳ ଗଞ୍ଜାମ ନୁହେଁ, ଏହା ରାଜ୍ୟର ଅନେକ ଜିଲାରେ ମଧ ଦେଖିବାକୁ ମିଳୁଛି। ଏବେ ଗଞ୍ଜାମ ପରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ମଧ ବ୍ୟାପୁଥିବା ସୂଚନା ମିଳିଛି ।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହାକୁ ଚର୍ମବିଣ୍ଡି ରୋଗ ଏବଂ ନୋଡୁଲାର୍ ରୋଗ ବୋଲି କୁହାଯାଏ। କେପ୍ରିପୋକ୍ସ ନାମକ ଏକ ଭାଇରସ୍ ଯୋଗୁ ଏହି ରୋଗ ଗାଈ ଗୋରୁଙ୍କ ମଧ୍ୟରେ ଦେଖାଦେଇଥାଏ। ଏହି ଭାଇରସ୍ ବାୟୁ କିମ୍ବା ପାଣି ଦ୍ୱାରା ଗୋଟିଏ ପଶୁଠାରୁ ଆଉ ଏକ ପଶୁକୁ ବ୍ୟାପିଥାଏ । ଅକ୍ଟୋବର ପ୍ରଥମ ସପ୍ତାହରେ ଜିଲାରେ ଏହା ଦେଖିବାକୁ ମିଳିଥିଲା। ଥରେ ଗୋରୁ ଆକ୍ରାନ୍ତ ହେବା ପରେ ଦେହ ସାରା ବିଣ୍ଡି ବା ପାଣି ଫୋଟକା ଭଳି ଦେଖାଦିଏ। ପରେ ଏହା ଫୁଲିବା ସହ ଫାଟିଯାଇଥାଏ। ଭୀଷଣ ଜ୍ୱର ହୁଏ। ସାଧାରଣତଃ ଶରୀରର ଗୋଡ଼ ଏବଂ ବେକ ତଳେ ଦେଖିବାକୁ ମିଳିଥାଏ। ରୋଗ ନିରାକରଣ ପାଇଁ କୌଣସି ଟିକା ନାହିଁ। କିନ୍ତୁ ୩ରୁ ପାଞ୍ଚଦିନ ପର୍ଯ୍ୟନ୍ତ ଆଣ୍ଟିବାୟୋଟିକ୍ ଏବଂ ଅନ୍ୟ କେତେକ ଔଷଧ ଦ୍ୱାରା ରୋଗକୁ ଧୀରେ ଧୀରେ ନିୟନ୍ତ୍ରଣ କରାଯାପାରିବ। ବିଳମ୍ବ ହେଲେ ଗୋରୁର ମୃତ୍ୟୁ ମଧ ହୋଇପାରେ। ପ୍ରଥମେ ପଶ୍ଚିମବଙ୍ଗରେ ଏହି ରୋଗ ଦେଖିବାକୁ ମିଳିଥିଲା । ପରେ ବିହାର ଏବଂ ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଏହା ପ୍ରବେଶ କରିଥିଲା। ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ, ପୁରୀ, କେନ୍ଦ୍ରାପଡ଼ା, ନୟାଗଡ଼ ଏବଂ ବାଲେଶ୍ୱର ସହ ଅନ୍ୟ କେତେକ ଜିଲାକୁ ମଧ ରୋଗ ବ୍ୟାପିଗଲାଣି ।

ଗଞ୍ଜାମରେ ଗୋଟିଏ ପରେ ଗୋଟିଏ ଜାଗାରୁ ଅଭିଯୋଗ ଆସିଥିଲା । ବର୍ତ୍ତମାନ ସୁଦ୍ଧା ଜିଲାର ୨୨୦ ପଞ୍ଚାୟତର ୪୦୯ ଗ୍ରାମକୁ ଚର୍ମବିଣ୍ଡି ରୋଗ ନିଜ କବଳକୁ ନେଇସାରିଲାଣି। ସେହିଭଳି ବ୍ରହ୍ମପୁର ମହାନଗର ନିଗମ ସହ ହିଞ୍ଜିଳିକାଟୁ, ଛତ୍ରପୁର, କବିସୂର୍ଯ୍ୟନଗର, କୋଦଳା, ପୁରୁଷୋତ୍ତମପୁର, ଗଞ୍ଜାମ, ବେଲଗୁଣ୍ଠା ଏବଂ ଆସିକା ସହରାଞ୍ଚଳର ୩୩ ୱାର୍ଡ଼ରୁ ମଧ ଗୋରୁଙ୍କୁ ଚର୍ମବିଣ୍ଡି ରୋଗ ଆକ୍ରାନ୍ତ କରିଥିବା ଅଭିଯୋଗ ଆସିଛି।

ପଶୁ ସମ୍ପଦ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ତ୍ରିନାଥ ନାୟକଙ୍କ କହିବାନୁଯାୟୀ, ଗଞ୍ଜାମ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୩୫୯ ଗୋରୁଙ୍କୁ ଚର୍ମବିଣ୍ଡି ରୋଗ ଆକ୍ରାନ୍ତ କରିଥିବା ଅଭିଯୋଗ ଆସିଛି । ଜିଲାରେ ୧୯୮୧ ଚିକିତ୍ସା ଏବଂ ସଚେତନତା କ୍ୟାମ୍ପ ଆୟୋଜିତ ହୋଇଛି। ମାଗଣାରେ ଔଷଧ ଦିଆଯାଉଛି। ଆବଶ୍ୟକ ଚିକିତ୍ସା ଫଳରେ ୨୧୫୦ ଗୋରୁଙ୍କୁ ସୁସ୍ଥ କରାଯାଇପାରିଛି। କିନ୍ତୁ ୩ ଗାଈର ମୃତ୍ୟୁ ହୋଇଛି। ଭାଇରସ୍ ବ୍ୟାପୁଥିବା ଯୋଗୁ ଥରେ କୌଣସି ଗୋରୁକୁ ଆକ୍ରାନ୍ତ କଲେ, ପାଖରେ ସୁସ୍ଥ ଗୋରୁ ରଖିବାକୁ ବାରଣ କରାଯାଉଛି। ସତର୍କତାମୂଳକ ପଦକ୍ଷେପ ଭାବେ ହିଞ୍ଜିଳିକାଟୁ ଏବଂ ବେଲଗୁଣ୍ଠାରେ ଥିବା ଗୋରୁ ହାଟ ବନ୍ଦକରି ଦିଆଯାଇଛି ।

ଅନ୍ୟପଟେ ଭୋପାଳର ହାଇ ସିକ୍ୟୁରିଟି ଲ୍ୟାବ୍‌ରୁ ଜଣେ ବୈଜ୍ଞାନିକ ଜିଲାର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ୫ ବ୍ଲକ ଏବଂ ବ୍ରହ୍ମପୁର ଓ ଛତ୍ରପୁରଠାରୁ ୨୯ ଗୋରୁ ନମୁନା ଯଥା ରକ୍ତ, ଘା, ଚର୍ମ, ଆଖି ଲୁହ ଆଦି ସଂଗ୍ରହ କରିଛନ୍ତି। ଏତଦ୍ ବ୍ୟତୀତ କଟକସ୍ଥିତ ପ୍ରାଣୀ ଚିକିତ୍ସା ଗବେଷଣା କେନ୍ଦ୍ର ଏବଂ ସେଣ୍ଟ୍ରାଲ୍ ଇନ୍‌ଭେଷ୍ଟିଗେଟିଭ୍ ଲାବୋରେଟୋରିକୁ ମଧ ନମୁନା ପଠାଯାଇଛି। ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଡା. ନାୟକ ସୂଚନା ଦେଇଛନ୍ତି ।

## ୨୩୫୯ ଗୋରୁ ଆକ୍ରାନ୍ତ



ଗୋରୁ ଚିକିତ୍ସା କରାଯାଉଛି ।

- ପରୀକ୍ଷାଗାରକୁ ଗଲା ନମୁନା
- ହିଞ୍ଜିଳିକାଟୁ, ବେଲଗୁଣ୍ଠା ହାଟ ବନ୍ଦ
- ଚାଲିଛି ଚିହ୍ନଟ, ଚିକିତ୍ସା ଶିବିର

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା
## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧।୧୧: ଗଞ୍ଜାମ ଜିଲା ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଗୁରୁବାର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ମଦନ ସାହୁ। ପ୍ରକାଶ ଯେ, ୨୦୧୮ ଫେବୃୟାରୀ ୨୪ ସନ୍ଧ୍ୟାରେ ନାବାଳିକାଙ୍କୁ ଅପହରଣ କରାଯାଇ ତାଙ୍କୁ ବଳାତ୍କାର କରାଯାଇଥିଲା। ପରେ ଏନେଇ ପୀଡିତାଙ୍କ ଭଉଣୀ ପୁରୁଷୋତ୍ତମପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ନଂ. ୩୩/୧୮ରେ ଅଭିଯୁକ୍ତ ମଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଗତ ୨ ମାସ ତଳେ ମଦନ ଜେଲରୁ ଜାମିନରେ ଆସିଥିଲେ। ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ଏଡିଜେ-୨ ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମନୋଜ ପଟ୍ଟନାୟକ ଓ ଚକ୍ରପାଣି ନାହାକ ମକଦ୍ଦମା ପରିଚାଳନା କରିଥିଲେ।

## ୨୨୬ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ବ୍ରହ୍ମପୁର ଅଫିସ,୧।୧୧: ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ନୂତନ ହିତାଧିକାରୀଙ୍କ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିଗମ ବସ୍ତି ଉନ୍ନୟନ ଅଧିକାରୀ ଈପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ବିକ୍ରମ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୨୨୬ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସେଥିମଧରେ ୧୬୯ ଜଣଙ୍କୁ ବାର୍ଦ୍ଧକ୍ୟ, ୨୮ ଜଣଙ୍କୁ ଭିନ୍ନକ୍ଷମ, ୨୯ ଙ୍କୁ ଅବିବାହିତ ଭତ୍ତା ସହ ପେନସନ କାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ନିଗମ କର୍ମଚାରୀ ସହଯୋଗ କରିଥିଲେ।

## ୨ ଲୁଟେରା ଗିରଫ

ବ୍ରହ୍ମପୁର ଅଫିସ,୧।୧୧

ଗୋଷାଣୀନୂଆଗାଁ ପୋଲିସ ଶୁକ୍ରବାର ୨ ଜଣ ଲୁଟେରାଙ୍କୁ ଗିରଫ କରିଛି। ଲୁଟେରା ୨ ଜଣ ଗିରିସୋଲାର ଡ଼ି.ନବୀନ ଓ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁରର ସୁରଜ ପରିଡା ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ଘଟଣା ବେଳେ ବ୍ୟବହୃତ ବାଇକ୍ ଓ ଲୁଟ କରି ନେଇଥିବା ମୋବାଇଲ ଫୋନ ପୋଲିସ ଜବତ କରିଛି। ଗତ ୨୮ ତାରିଖ ସନ୍ଧ୍ୟାରେ କନିଷିର ଶୁଭମ ପାଢ଼ୀ ଗାଁକୁ ଯିବା ପାଇଁ ବିଜିପୁର ଛକରେ ଗାଡିକୁ ଅପେକ୍ଷା କରିଥିବା ବେଳେ ଉପରୋକ୍ତ ଲୁଟେରା ଦ୍ୱୟ ତାଙ୍କୁ ଲିଫ୍ଟ ଦେବା ବାହାନାରେ ବାଇକ୍‌ରେ ବସାଇ ନେଇଥିଲେ। ହଳଦିଆପଦର ଓଭରବ୍ରିଜ ନିକଟରେ ଶୁଭମଙ୍କୁ ଗାଡିରୁ ଓହ୍ଲାଇ ତାଙ୍କୁ ମାଡ ମାରିବା ସହ ତାଙ୍କ ପାଖରେ ଥିବା କିଛି ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ।

ସେହିପରି ଅନ୍ୟଜଣେ ଆନ୍ଧ୍ର ଲୋକଙ୍କୁ ମଧ ମାଡମାରି ତାଙ୍କ ମୋବାଇଲଫୋନ ନେଇଯାଇଥିବା ପୋଲିସ ଅଭିଯୁକ୍ତଙ୍କୁ ଜେରା ବେଳେ ଜାଣିବାକୁ ପାଇଛି। ଶନିବାର ଲୁଟେରାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଆମ୍ବପୁଆରେ ମଦ ଦୋକାନକୁ ବିରୋଧ

ବ୍ରହ୍ମପୁର ଅଫିସ,୧।୧୧

ଆମ୍ବପୁଆରେ ଏକ ମଦ ଦୋକାନ ଖୋଲିବାକୁ ଅବକାରୀ ବିଭାଗ ତରଫରୁ ଅନୁମତି ଦିଆଯାଇଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ୩୯ ଏବଂ ୪୦ ନମ୍ବର ୱାର୍ଡ଼ ବାସିନ୍ଦା ତୀବ୍ର ବିରୋଧ କରୁଛନ୍ତି। ଏନେଇ ଏକ ଦାବିପତ୍ର ସେମାନେ ଅବକାରୀ କମିଶନର୍ ତଥା ସଚିବଙ୍କ ପାଖକୁ ପଠାଇଛନ୍ତି। ଅନ୍ୟପଟେ ନିୟମିତ ପ୍ରସ୍ତାବିତ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ହେଲା, ପୂର୍ବରୁ ଏହି ଠିପି ଖୋଲା ମଦ ଦୋକାନ କଂଗ୍ରେସ ଭବନ ରାସ୍ତାରେ ଥିଲା। ହେଲେ ୨୦୧୮ ଏପ୍ରିଲ୍‌ରେ ବିଏମ୍‌ସି କମିଶନର୍ ଏହାକୁ ବନ୍ଦ ନିର୍ଦ୍ଦେଶ ଦେଇଥିଲେ। ମାଲିକ ଜଣକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୧୬ନମ୍ବର ୱାର୍ଡ଼ରେ ଦୋକାନ ଖୋଲିବା ପାଇଁ ସେ ଅନୁମତି ଲୋଡ଼ିଥିଲେ। ହେଲେ ସେଠାରେ ମଧ ତୀବ୍ର ବିରୋଧ ଯୋଗୁ ଜିଲାପାଳ ଅନୁମତି ବାତିଲ୍ କରି ଦେଇଥିଲେ। ଜିଲାପାଳ ମଧ ଅନ୍ୟତ୍ର ଜାଗା ଦେଖିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସିଠାରେ ଜାଗା ନ ପାଇବାରୁ ଏବେ ଆମ୍ବପୁଆରେ ଦୋକାନ ଖୋଲିବା ପାଇଁ ଆବେଦନ କରିଥିଲେ। ଆପତ୍ତି ଅଭିଯୋଗ ପାଇଁ ଜୁନ୍ ୧୧ ଶେଷ ତାରିଖ ଥିଲା। ହେଲେ ଅଞ୍ଚଳବାସୀଙ୍କୁ ଅନ୍ଧାରରେ ରଖାଯାଇଥିଲା। ଅବକାରୀ ଅଧିକାରୀମାନେ ଠିକ୍ ୧୧ତାରିଖରେ ହିଁ ନୋଟିସ୍‌କୁ ସାର୍ବଜନୀନ କରିବା ସହ ଅନ୍ୟ ଅଞ୍ଚଳର ବାସିନ୍ଦାଙ୍କଠାରୁ ସ୍ୱୀକୃତି ଦସ୍ତଖତ ସଂଗ୍ରହ କରି ନେଇଥିଲେ। ପ୍ରକୃତ ଅଞ୍ଚଳବାସୀ ଜାଣିପାରି ନ ଥିଲେ। କିନ୍ତୁ ଆପତ୍ତି ଅଭିଯୋଗର ସମୟ ସରିଯାଇଥିଲା।

ଅଳ୍ପ କିଛି ମିଟର ଦୂରତା ଭିତରେ ବର୍ତ୍ତମାନ ଏହି ଅଞ୍ଚଳରେ ୩ ମଦ ଦୋକାନ ରହିଛି। ଫଳରେ ଅଞ୍ଚଳରେ ଅନେକ ସମୟରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ନିଶାସକ୍ତମାନେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି, ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଆଖପାଖ ଅଞ୍ଚଳରେ ଅନେକ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ରହିଛି। ଲୋକମାନେ ବସବାସ କରୁଛନ୍ତି । ଅନେକ ସରକାରୀ କାର୍ଯ୍ୟାଳୟ ମଧ୍ୟ ରହିଛି। ଆଗାମୀ ଦିନରେ ଅମୃତ ଯୋଜନାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହେବ। ଏଣୁ ପ୍ରସ୍ତାବିତ ମଦ ଦୋକାନ ପାଇଁ ଅନୁମତି ନ ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି। ଯଦି ଅନୁମତି ଦିଆଯାଏ, ତେବେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ପ୍ରସ୍ତାବିତ ଜାଗାରେ ବିକ୍ଷୋଭ ପ୍ରଦର୍ଶନ ଚାଲିଛି।

### କ୍ଷେତରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା
## ୩ ମାସ ପରେ ବି ମିଳିନି ପରିଚୟ

ବ୍ରହ୍ମପୁର ଅଫିସ,୧।୧୧

ପୋଲିସ କେତେବେଳେ କ୍ଷେତରୁ ତ ଆଉ କେତେବେଳେ ପରିତ୍ୟକ୍ତ କୂଅ କିମ୍ବା ରେଳଧାରଣା କଡରୁ ମୃତଦେହ ଜବତ କରୁଛି। କେତେକ ମୃତଦେହର ପରିଚୟ ସ୍ପଷ୍ଟ ହେଉଥିବା ବେଳେ କେତେକର ପରିଚୟ ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ। ଯାହାକି ପୋଲିସ ପାଇଁ ଏବେ ଚିନ୍ତାର ବିଷୟ ହୋଇଛି। ଜୁଲାଇ ୧୫ରେ ଗୋଷାଣୀନୂଆଗାଁ ପୋଲିସ ନୂଆଖଜୁରିଆ ନିକଟ ଏକ କ୍ଷେତରୁ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ହେଲେ ଇତିମଧ୍ୟରେ ୩ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ମୃତ ଯୁବକଙ୍କ ପରିଚୟ ପୋଲିସ ସ୍ପଷ୍ଟ କରିପାରିନାହିଁ। ଯୁବକଙ୍କ ପରିଚୟ ମିଳିଲେ ସବୁକିଛି ସ୍ପଷ୍ଟ ହେବ ବୋଲି ପୋଲିସ କହିଥିଲା। ସେପଟେ ଭିସେରା ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଥିଲା। ସୂଚନାଯୋଗ୍ୟ, ଜୁଲାଇ ୧୫ରେ ଜଣେ ଚାଷୀ ନିଜ କ୍ଷେତକୁ ଯିବା ବେଳେ ନିକଟସ୍ଥ ଏକ କ୍ଷେତରେ ମୃତଦେହ ପଡିଥିବା ଦେଖି ଗୋଷାଣୀନୂଆଗାଁ ଥାନାକୁ ଖବର କରିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ନିକଟରୁ ପୋଲିସକୁ ଏକ ଆଧାରକାର୍ଡ ମିଳିଥିଲା। ସେଥିରେ ସୁବାସ ପାତ୍ର ବୋଲି ଉଲ୍ଲେଖଥିଲା। ତଦନ୍ତ ପରେ ସୁବାସ ପାତ୍ର ନାମକ ବ୍ୟକ୍ତି ଜୀବିତ ଥିବା ଜଣାପଡିଥିଲା। ତେଣୁ ମିଳିଥିବା ପରିଚୟପତ୍ର ମୃତ ବ୍ୟକ୍ତିଙ୍କର ନୁହେଁ ବୋଲି ପୋଲିସ କହିଥିଲା। ସେପଟେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ନେଇ ମଧ ଅଞ୍ଚଳରେ ଚର୍ଚ୍ଚା ହେଉଛି। କିନ୍ତୁ ଏନେଇ ଅଦ୍ୟାବଧି କିଛି ପ୍ରମାଣ ମିଳିନାହିଁ। ମୃତ ଯୁବକଙ୍କ ପରିଚୟ ମିଳିଲେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୋଲିସ ଅନୁମାନ କରୁଛି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ, ଫୁଟବଲ ଟୁର୍ନାମେଣ୍ଟ

ବ୍ରହ୍ମପୁର ଅଫିସ,୧।୧୧

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ବିଳାସପୁର ଅଟଳବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ନଭେମ୍ବର ୩ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଟୁର୍ନାମେଣ୍ଟରେ ଭାଗନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚୟନ ହୋଇଥିବା ରାୟଗଡା ମହିଳା କଲେଜର ପ୍ରିୟଙ୍କା ଆଚାର୍ଯ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ଚିନ୍ମୟ ଚୌଧୁରୀ ଓ ଶୁଭଶ୍ରୀ ବେହେରା ଶୁକ୍ରବାର ବାରାଣସୀ ଗସ୍ତ କରିଛନ୍ତି। ବାଲିଗୁଡା ଆଦିବାସୀ କଲେଜର ପିଇଟି ଗଙ୍ଗାଧର ପଣ୍ଡା ଦଳ ସହ ଗସ୍ତ କରିଛନ୍ତି। ସେହିପରି କଟକରେ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଫୁଟବଲ ଟୁର୍ନାମେଣ୍ଟ ପାଇଁ ମଧ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଶୁକ୍ରବାର ଦଳ ଚୟନ ପ୍ରକ୍ରିୟା ଶେଷ ହୋଇଛି। ନଭେମ୍ବର ୨ ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭାଗନେବାକୁ ମନୋନୀତ ୧୮ ଜଣିଆ ଖେଳାଳି ଶନିବାର କଟକ ଅଭିମୁଖେ ଯାତ୍ରା କରିବେ। ଦଳ ସହ ମ୍ୟାନେଜର ଭାବେ ବରିଷ୍ଠ କୋଚ ରାମହରି ଦାଶ ଓ କୋଚ ଭାବେ ଫୁଟବଲ କୋଚ ରାଜେଶ କୁମାର ମହାନ୍ତି କଟକ ଗସ୍ତ କରିବା ନେଇ ଜଣାପଡ଼ିଛି। ସମ୍ପାଦିକା ପୁଷ୍ପାଞ୍ଜଳି ସାମନ୍ତରାୟ, ବିଜୟ ଅଧିକାରୀ, ରାଜ କିଶୋର ମହାପାତ୍ର, ଜି. ସତ୍ୟନାରାୟଣ, ରବିଚରଣ ମିଶ୍ର, ସିଦ୍ଧାର୍ଥ ଶଙ୍କର ପାଢୀ, ପ୍ରଦୀପ୍ତ କିଶୋର ପଟ୍ଟନାୟକ. ଏସ୍. କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

- ବ୍ୟାଡମିଣ୍ଟନରେ ୩ ମହିଳା
- ଫୁଟବଲରେ ୧୮ ପୁରୁଷ ଖେଳାଳି ମନୋନୀତ



ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଫୁଟବଲ ଟୁର୍ନାମେଣ୍ଟରେ ଭାଗନେବାକୁ ମନୋନୀତ ହୋଇଥିବା ଖେଳାଳିଙ୍କ ସହ କ୍ରୀଡା ପରିଷଦ କର୍ମକର୍ତ୍ତା।

# କ୍ଷେତ୍ର ଜନସମ୍ପର୍କ, ବିଭାଗ ରାଷ୍ଟ୍ରୀୟ ଏକତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧।୧୧

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ର ଜନସମ୍ପର୍କ ଓ ଯୋଗାଯୋଗ ବିଭାଗ ବ୍ରହ୍ମପୁର ଶାଖା ପକ୍ଷରୁ ରାଷ୍ଟ୍ରୀୟ ଏକତା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିପଡା ମହୁରିକାଳୁଆ କନିଷ୍ଠ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଉମା ସାମଲ, ସମିତି ସଭ୍ୟ ନିରଞ୍ଜନ ମହାନ୍ତି, ଜିଲା ପରିଷଦ ସଭ୍ୟ ବୃନ୍ଦାବନ ଖଟେଇ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା କଲେଜରୁ ବାହାରି ବାଲିପଡା ଅଞ୍ଚଳ ପରିକ୍ରମା କରିବା ସହ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ମାଧ୍ୟମରେ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ବଜାୟ ରଖିବା ନେଇ ଆହ୍ୱାନ ଦେଇଥିଲେ। କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢୀ ଅଧକ୍ଷତା କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ପ୍ରସନ୍ନ କୁମାର ବିଷୋୟୀ ସଂଯୋଜନା କରିଥିଲେ। ଡୁରାସ୍ଥିତ ରାମନାରାୟଣ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ. ପିନାକୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସ ପାଳନର ଐତିହାସିକ ଓ ରାଜନୈତିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ବିଭାଗ ପକ୍ଷରୁ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଷ୍ଟ୍ରୀୟ ଏକତା ରକ୍ଷା ନେଇ ଶପଥ ପାଠ କରାଯାଇଥିଲା। ଫନୀ କୁମାର, ପ୍ରମୋଦ କୁମାର ସାବତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ କଳାକାରମାନେ ଓଡ଼ିଶୀ ନୃତ୍ୟ ଓ ନାଟକ ମାଧ୍ୟମରେ ରାଷ୍ଟ୍ରୀୟ ଏକତାର ବାର୍ତ୍ତା ଦେଇଥିଲେ। ଅଧ୍ୟାପକ ଉମେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟକ୍ତିବିଶେଷ।

### ଗଞ୍ଜାମ ଜିଲା ଯୁବ ବିଜେଡିର ଅଭିଯୋଗ
# କଶ୍ମୀର ପ୍ରସଙ୍ଗରେ ବିଜୁଙ୍କୁ ମନେ ପକାଇଲାନି କେନ୍ଦ୍ର

ବ୍ରହ୍ମପୁର ଅଫିସ,୧।୧୧

## ମରଣୋତ୍ତର ଭାରତରତ୍ନ ସମ୍ମାନ ଦିଆଯାଉ

ଦେଶ ସମ୍ବିଧାନରୁ ଅନୁଚ୍ଛେଦ ୩୭୦ ଇତିମଧ୍ୟରେ ଉଚ୍ଛେଦ କରାଯାଇଛି। ଫଳରେ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ଲୋପ ପାଇଛି। କଶ୍ମୀର ପତାକା ହଟାଯାଇ ତ୍ରିରଙ୍ଗା ଉଡ଼ାଯାଇଛି ଏବଂ ଦୀର୍ଘ ୭୦ ବର୍ଷର ରେଡିଓ କଶ୍ମୀର ପରିବର୍ତ୍ତେ ହୋଇଛି ଅଲ ଇଣ୍ଡିଆ ରେଡ଼ିଓ। ଗତ ଗୁରୁବାରରୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତିଥିରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି। ତେବେ ବିଡ଼ମ୍ବନାର ବିଷୟ ଭାରତ ସ୍ୱାଧୀନତା ହାସଲ ପରେ କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ବିବାଦ ସମାଧାନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ମୋଦି ସରକାର ଆଦୌ ମନେ ପକାଇ ନ ଥିବା ରାଜନୈତିକ ବିଦ୍ୱେଷ ହୋଇଛି। ଗଞ୍ଜାମ ଜିଲା ଯୁବ ବିଜେଡି ପକ୍ଷରୁ ଏଭଳି କଟାକ୍ଷ କରାଯାଇଛି। ଅପରପକ୍ଷରେ ବିଭିନ୍ନ ମହଲରୁ ସ୍ୱର ଉତ୍ତୋଳନ ସତ୍ତ୍ୱେ ବିଜୁଙ୍କୁ ଭାରତରତ୍ନ ଦିଆଯାଇ ନ ଥିବା କେନ୍ଦ୍ରର ଉଦ୍ଦେଶ୍ୟମୂଳକ ମନୋଭାବକୁ ପଦାରେ ପକାଇଥିବା ଯୁବ ବିଜେଡି ଅଭିଯୋଗ କରିଛି।

ଗଞ୍ଜାମ ଜିଲା ବିଜେଡି ସଭାପତି ଏନ୍. ଧନଞ୍ଜୟ ରାଓ କହିଛନ୍ତି, ଭାରତର ଭୂ-ସ୍ୱର୍ଗ କଶ୍ମୀରରେ ଶେଷ ମହାରାଜା ଥିଲେ ହରି ସିଂ। କଶ୍ମୀର ଭାରତର ଅଙ୍ଗ ଭାବେ ରହିବା ପାଇଁ ହରି ସିଂଙ୍କ ଉଦ୍ୟମ ବେଳେ ପାକିସ୍ତାନ ପକ୍ଷରୁ ବ୍ୟାପକ ହିଂସା ସୃଷ୍ଟି କରାଯାଇଥିଲା। ସେତେବେଳେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ବିଜୁଙ୍କ ସହଯୋଗ ଲୋଡ଼ିଥିଲେ। ୧୯୪୭ ଅକ୍ଟୋବର ୨୭ରେ ବିଜୁ ପଟ୍ଟନାୟକ ଶ୍ରୀନଗର ବିମାନ ବନ୍ଦରକୁ ନିଜସ୍ୱ ବିମାନରେ ଯାଇଥିଲେ । ଜୀବନକୁ ବାଜି ଲଗାଇ ପାକିସ୍ତାନର ଗତିବିଧି ଉପରେ ନଜର ରଖିବା ସହ ଭାରତର ସୈନ୍ୟମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇଥିଲେ। ଶ୍ରୀନଗର ବିମାନ ବନ୍ଦର ସୁରକ୍ଷା ଏବଂ ଜମ୍ମୁ-କଶ୍ମୀରକୁ ସୁରକ୍ଷିତ ରଖିବା ନିମନ୍ତେ ବୀର ଓଡ଼ିଆ ପୁଅ ଦୁଃସାହସିକ ପଦକ୍ଷେପ ନେଇଥିଲେ। ତେଣୁ କଶ୍ମୀର ପାଇଁ ପ୍ରବାଦ ପୁରୁଷ ବିଜୁଙ୍କ ଅବଦାନ ଅତୁଳନୀୟ ଥିଲା। ଏବେ କଶ୍ମୀର ପ୍ରସଙ୍ଗରେ କେନ୍ଦ୍ର ସରକାର ବହୁଳ ପ୍ରଚାର ଚଳାଇଥିବା ବେଳେ ସେହି ମହାନ ଯୋଦ୍ଧାଙ୍କ ନାମ ଥରେ ମଧ ମନେ ପକାଇ ନ ଥିବା ଓ ହିନମନ୍ୟତା ହୋଇଥିବା ରାଓ ସମାଲୋଚନା କରିଛନ୍ତି।

ଅପରପକ୍ଷରେ ଭାରତ-ଚାଇନା ଯୁଦ୍ଧ ବେଳେ ମଧ ପଣ୍ଡିତ ନେହେରୁ ବିଜୁଙ୍କ ପରାମର୍ଶ ନେଇଥିବା ନଜିର ଅଛି। ତାଙ୍କ ଦେଶପ୍ରେମର ଅନେକ ଉଦାହରଣ ରହିଛି। ତେଣୁ ତାଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ଦେବା ଅପରିହାର୍ଯ୍ୟ ହୋଇଛି। କେନ୍ଦ୍ରର ସବୁ ସରକାର ଉପେକ୍ଷା କରିଥିବାରୁ ବର୍ତ୍ତମାନର ମୋଦି ସରକାର ଏହି ସମ୍ମାନ ଦେବା ପାଇଁ ଦଳମତ ନିର୍ବିଶେଷରେ ନେତାମାନେ ଲୋକ ସଭାରେ ପ୍ରସଙ୍ଗ ଉଠାଇବାକୁ ଯୁବ ବିଜେଡି ପକ୍ଷରୁ ଦାବି କରାଯାଇଛି । ଫଳରେ ସେହି ଦିବଂଗତ ନେତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି କୁହାଯାଇଛି ।

ଧରିତ୍ରୀ
DHARITRI
ଶନିବାର, ୨ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ଶିଶୁ ସୁରକ୍ଷା ଲାଗି ଜିଲାପାଳ ସମ୍ବର୍ଦ୍ଧିତ



**ଫୁଲବାଣୀ ଅଫିସ, ୧।୧୧:** କନ୍ଧମାଳ ଜିଲାରେ ଶିଶୁଙ୍କ ସୁରକ୍ଷା, ବାଲ୍ୟବିବାହ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଜିଲାପାଳ ଡା. ବୃନ୍ଦା ଡି.ଙ୍କୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ ଅବସରରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ କିଟ୍ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ କନ୍ଧମାଳ ଜିଲାପାଳଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### କୁଇ ଭାଷା ସାହିତ୍ୟ ସମିତିର ସଭା

**ଫିରିଙ୍ଗିଆ, ୧।୧୧:** ଫିରଙ୍ଗିଆ ବ୍ଲକ କୁଇ ଭାଷା ସାହିତ୍ୟ ସମିତି ତରଫରୁ ଏକ ସାଧାରଣ ସଭା କୁଇ ସମାଜ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଇ ଭାଷାର ଉନ୍ନତି ନିମନ୍ତେ ଆଲୋଚନା କରାଯାଇ ୩ଟି ପ୍ରସ୍ତାବ ଗୃହୀତ ହୋଇଥିଲା। କୁଇ ଭାଷାର ସର୍ବଶେଷ ପୂର୍ଣାଙ୍ଗ ଲିପି ସ୍ଥିର କରିବା, ଯେଉଁମାନେ ଲିପି ଉଦ୍‌ଭାବନା କରିଛନ୍ତି, ସେମାନେ ଆସନ୍ତା ୨୯ ତାରିଖ ସୁଦ୍ଧା ନିଜ ଲିପିର ତଥ୍ୟ ସହିତ ସମିତିରେ ଦାଖଲ କରିବେ। ନିର୍ଦ୍ଧାରିତ ସମୟ ଭିତରେ ଏହାକୁ ଯେଉଁମାନେ ଦାଖଲ ନ କରିବେ ସେମାନଙ୍କ ଲିପି ବିଚାରକୁ ନିଆଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ସମିତି ସାଧାରଣ ସମ୍ପାଦକ ଡା.ନିରଦ ଚନ୍ଦ୍ର କହଁର, ଦୀନବନ୍ଧୁ କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗଣପତି ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ଦୁର୍ନୀତି ବିରୋଧୀ ବୈଠକ

**ଫିରିଙ୍ଗିଆ, ୧।୧୧:** ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପଞ୍ଚାୟତ ଗଦେଇପଦର ପଡ଼ିଆରେ ଦୁର୍ନୀତି ବିରୋଧୀ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏଥିରେ ଯୋଗଦେଇ କେହି ସରକାରୀ ଅଧିକାରୀ କୌଣସି କାର୍ଯ୍ୟ ପାଇଁ ଟଙ୍କା ଦାବି କଲେ ତୁରନ୍ତ ଜଣାଇବା ଏବଂ ଏହା ବିରୋଧରେ ସ୍ୱର ଉଠାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ନିଜ ଅଞ୍ଚଳରେ ଯେଉଁମାନେ ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନଙ୍କ ବିଷୟରେ ପୋଲିସକୁ ଜଣାଇବାକୁ କହିଥିଲେ। ଏଥିସହ ଗ୍ରାମାଞ୍ଚଳରେ ମଦ କାରବାର ବନ୍ଦ କରିବା, ଗଞ୍ଜେଇ ଚାଷ ନ କରିବା ଉପରେ ଆଲେଚନା କରିଥିଲେ। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ବିଷ୍ଣୁ ଚରଣ ମଲ୍ଲିକ, ପାହିରାଜୁ ସମିତିସଭ୍ୟ ସୁଦର୍ଶନ କହଁର, ବ୍ଲକ ଉପାଧକ୍ଷ ସସ୍ମିତା ଦିଗାଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଲନ୍ଦାପଡା, ପାହିରାଜୁ, କେଏରମାଣ୍ଡୁ, ଲୁଇସିଂ, ପକାରୀ ପଞ୍ଚାୟତର ଲୋକେ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନେ ଉପସ୍ଥିତ ଥିଲେ।

## ୨୭ରେ ପଞ୍ଚାୟତ ଉପନିର୍ବାଚନ

# ପ୍ରଥମ ଦିନ ୩ ନାମାଙ୍କନପତ୍ର ଦାଖଲ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧।୧୧**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ୩ ପଞ୍ଚାୟତରେ ଆସନ୍ତା ୨୭ ତାରିଖରେ ଉପନିର୍ବାଚନ ହେବ। ପକାରି ପଞ୍ଚାୟତରେ ସରପଞ୍ଚ, କାଣ୍ଡିବିଲିରେ ସମିତି ସଭ୍ୟ ଓ ସୁମରବନ୍ଧ ପଞ୍ଚାୟତର ୧୧ ନଂ. ୱାର୍ଡ ସଭ୍ୟ ପଦବୀ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୩ ଜଣ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ରଶ୍ମିରଞ୍ଜନ ମହନ୍ତଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶନିବାର ଏହି ପ୍ରକ୍ରିୟା ଶେଷ ହେବ। ୭ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ଉକ୍ତ ଦିନ ଅପରାହ୍ନ ୩ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନିର୍ବାଚନ ପାଖେଇ ଆସୁଥିବାରୁ ଏବେ ଉକ୍ତ ପଞ୍ଚାୟତରେ ରାଜନୈତିକ ଉଷ୍ମତା ଦେଖା ଦେଇଛି। ନିର୍ବାଚନରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ପ୍ରମୁଖ ରାଜନୈତିକ ଦଳର ନେତାମାନେ କସରତ ଆରମ୍ଭ କରି ଦେଇଛନ୍ତି।

ଗତ ତ୍ରିସ୍ତରିୟ ପଞ୍ଚାୟତ ନିର୍ବାଚନରେ ପକାରି ସରପଞ୍ଚ ଭାବେ ଅଙ୍ଗଦ କହଁର ନିର୍ବାଚିତ ହୋଇଥିଲେ। ପରେ ସାଧାରଣ ନିର୍ବାଚନରେ ସେ ବିଜେଡି ତରଫରୁ ପ୍ରାର୍ଥୀ ହୋଇ ବିଧାୟକ ନିର୍ବାଚିତ ହୋଇଥିଲେ। ପକାରୀ ସରପଞ୍ଚ ପଦବୀ ଖାଲି ପଡ଼ିବାରୁ ସେତବେଳର ନାଏବ ସରପଞ୍ଚ କିସିମତି କହଁର ସରପଞ୍ଚ ଦାୟିତ୍ୱରେ ରହିଥିଲେ। ହେଲେ ଗତ ସେପ୍ଟେମ୍ବରରେ ଦେହ ଖରାପ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଅସ୍ଥାୟୀ ସରପଞ୍ଚ ଭାବେ ୭ନଂ. ୱାର୍ଡ ସଭ୍ୟ ଜନକ କହଁର ଦାୟିତ୍ୱ ଗ୍ରହଣ କରିଥିଲେ। ଉପନିର୍ବାଚନ ତାରିଖ ଘୋଷଣା ହୋଇଥିବାରୁ ସରପଞ୍ଚ ପଦବୀ ନିମନ୍ତେ ବସୁଦେବ କହଁର ଓ ମଙ୍ଗୁଲୁ କହଁର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି କ୍ରାଣ୍ଡିବାଲିରେ ସସ୍ମିତା କହଁର ସମିତିସଭ୍ୟା ନିର୍ବାଚିତ ହୋଇଥିଲେ। ୬ ମାସେ ପୂର୍ବେ ତାଙ୍କର ସରକାରୀ ଚାକିରି ହେବାରୁ ତାଙ୍କୁ ଏହି ପଦବୀ ଛାଡିବାକୁ ପଡିଥିଲା। ଏବେ ଉକ୍ତ ପଦବୀ ଲାଗି ପ୍ରଥମ ଦିନ ଯଶୋଦା କହଁର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆଉ କେତେଜଣ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଆଲୋଚନା ହେଉଛି।

ସେହିପରି ସୁମରବନ୍ଧ ପଞ୍ଚାୟତ ୧୧ ନଂ. ୱାର୍ଡ ସଭ୍ୟ ନିର୍ବାଚିତ ହୋଇଥିବା ଦିଲୀପ କୁମାର ସାହୁଙ୍କର ମଧ୍ୟ ସରକାରୀ ଚାକିରି ହେବାରୁ ତାଙ୍କୁ ପଦବୀ ଛାଡିବାକୁ ପଡିଛି। ଏଠାରେ ପ୍ରଥମ ଦିନରେ କୌଣସି ନାମାଙ୍କନପତ୍ର ଦାଖଲ ହୋଇନାହିଁ। ଏସବୁ ପଦବୀ ଲାଗି ଆଉ କେତେଜଣ ପ୍ରାର୍ଥିପତ୍ର ଦାଖଲ କରିବାକୁ ସଜବାଜ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ବିଧାୟକଙ୍କ ପୁଅ ସରପଞ୍ଚ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି।



ସମିତିସଭ୍ୟ ପଦବୀ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଆସିଥିବା ଯଶୋଦା କହଁର।

## ଏକକ ଷାଣ୍ମାସିକ ପରୀକ୍ଷାରେ ବିଭ୍ରାଟ

# ପ୍ରଶ୍ନପତ୍ର ନିଅଣ୍ଟକୁ ନେଇ ଅସନ୍ତୋଷ

**ଦାରିଙ୍ଗବାଡି,୧।୧୧(ଡି.ଏନ.ଏ.)**

**ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୮,୫୭୦ ପରୀକ୍ଷାର୍ଥୀ**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତରେ ରହିଥିବା ପ୍ରାୟ ୩ ଶହ ବିଦ୍ୟାଳୟରେ ଶୁକ୍ରବାର ଏକକ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହୋଇଯାଇଛି। ତେବେ ପରିଚାଳନାଗତ ତ୍ରୁଟି ଯୋଗୁ ପରୀକ୍ଷାର୍ଥୀଙ୍କୁ ହଟହଟା ହେବାକୁ ପଡିଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମୋଟ ୧୮,୫୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ରହିଥିବାବେଳେ ପ୍ରଥମରେ ୨୬୧୧, ଦ୍ୱିତୀୟରେ ୨୫୦୩, ତୃତୀୟରେ ୨୪୦୮, ଚତୁର୍ଥରେ ୨୩୭୯, ପଞ୍ଚମରେ ୨୪୧୦, ଷଷ୍ଠରେ ୨୦୦୭, ସପ୍ତମରେ ୨୦୧୮ ଏବଂ ଅଷ୍ଟମରେ ୨୨୪୨ ଜଣ ପରୀକ୍ଷାର୍ଥୀ ଅଛନ୍ତି। ତେବେ ତୃତୀୟ ଭାଗ ଇଂଲିଶ ପ୍ରଶ୍ନପତ୍ର ପହଞ୍ଚି ନ ଥିବାବେଳେ ସପ୍ତମ ଏବଂ ଅଷ୍ଟମରେ ଇତିହାସ ପ୍ରଶ୍ନପତ୍ର ପହଞ୍ଚିନାହିଁ। ଫଳରେ ଗୋଟିଏ ପ୍ରଶ୍ନପତ୍ର ଯୋଗାଡକରି ଜେରକ୍ସ କରାଯାଇଥିବା ଜଣାପଡିଛି। ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦାରିଙ୍ଗବାଡି ବିଇଓ କାର୍ଯ୍ୟାଳୟ ପକ୍ଷରୁ ପ୍ରଶ୍ନପତ୍ର ନିଅଣ୍ଟ ଏବଂ ପ୍ରଶ୍ନପତ୍ର ନଥାଇ ପରୀକ୍ଷା କରାଯାଉଥିବା ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଛି। କନ୍ଧମାଳ ସୁରକ୍ଷା ଅଭିଯାନର ଆବାହକ ପ୍ରତାପ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ଦାରିଙ୍ଗବାଡିରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ରିସିଭ କରି ନ ଥିଲେ। ବିଆର୍‌ସିସି ତଥା ଏବିଇଓ ସୁବାସିନୀ ଦିଗାଳଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କିଛି ପ୍ରଶ୍ନପତ୍ର ପହଞ୍ଚିବାରେ ସମସ୍ୟା ରହିଥିଲା, ତାକୁ ସମାଧାନ କରାଯାଉଛି।

# ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପାଇଁ ଆନ୍ଦୋଳନ




ସଂଗଠନର ସଦସ୍ୟ ଶୋଭାଯାତ୍ରା ବାହାରିଛନ୍ତି।

**ଦାରିଙ୍ଗବାଡି,୧।୧୧(ଡି.ଏନ.ଏ.)**

ଦାରିଙ୍ଗବାଡି ବ୍ଲକର ୨୫ ପଞ୍ଚାୟତରେ ବାଦ ପଡିଥିବା ପ୍ରକୃତ ହିତାଧିକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପାଇଁ ଶୁକ୍ରବାର ଆନ୍ଦୋଳନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଲୋକ ସଂଗଠନ ତଥା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବହୁଲୋକ ବସ୍‌ଷ୍ଟାଣ୍ଡଠାରେ ଏକାଠି ହୋଇଥିଲେ। ସେଠାରେ ବ୍ଲକ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପରେ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନରେ ନାରୀନେତ୍ରୀ ବିଳାସିନୀ ନାୟକଙ୍କ ସମେତ ସଙ୍ଗଠନର କର୍ମକର୍ତ୍ତା ରାଜୀବ ମଲ୍ଲିକ, ସୁଧାକର ପ୍ରଧାନ, ଜୁଏଲ ପ୍ରଧାନ, ମନୁ ଦିଗାଳ, ରୀତାରାଣୀ ମଲ୍ଲିକ, ସରମିଳା ଦିଗାଳ ପ୍ରମୁଖ ସାମିଲ ହୋଇଥିଲେ।

## ବନ ବିଭାଗର ଚଢାଉ, ୪ ଗିରଫ

**ଜଗନ୍ନାଥପ୍ରସାଦ,୧।୧୧(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ବନାଞ୍ଚଳ ଭାବସର–ରାଉତି ଛକ ମଧ୍ୟରେ ଥିବା କାଜୁ ବଗିଚାରେ ବେଆଇନ ଭାବେ କାଠ କଟାଯାଉଥିବା ଖବର ପାଇ ଗୁରୁବାର ସନ୍ଧ୍ୟାରେ ବନବିଭାଗ ଚଢ଼ାଉ କରିଥିଲା। ଚଢ଼ାଉବେଳେ ସେଠାରୁ ଦୁଇଟି ଶାଗୁଆନ କାଠଗଣ୍ଡି ସମେତ ୬ଖଣ୍ଡ ପଟା ଜବତ ହୋଇଥିଲା। ଯାହାର ମୂଲ୍ୟ ପ୍ରାୟ ୨୦ ହଜାର ଟଙ୍କା ହେବ ବୋଲି ରେଞ୍ଜର ଉମାକାନ୍ତ ଦାସ କହିଛନ୍ତି। ଏହି ଅଭିଯୋଗରେ ହରିଜନ ପଙ୍କାଲସାହିର ବୁଦ୍ଧିଆ ନାଇକ, ତୋଫାନ ନାଇକ ଓ ଖମାରପଲ୍ଲୀର ଚିତ୍ରସେନ ନାଇକ, ଆଦିକନ୍ଦ ନାଇକଙ୍କୁ ଗିରଫ କରି ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନଷ୍ଟ କରାଗଲା ଗଞ୍ଜେଇ ଗଛ



ବେଆଇନ ଗଞ୍ଜେଇ ଗଛ।

**ଫିରିଙ୍ଗିଆ, ୧।୧୧**

ଫିରିଙ୍ଗିଆ ବ୍ଲକରେ ବେଆଇନ ଗଞ୍ଜେଇ ଚାଷ ଦମନ ଅଭିଯାନ ଆରମ୍ଭ ହୋଇଛି। ଫିରିଙ୍ଗିଆ ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ ଏବଂ ଅବକାରୀ ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ତାଣ୍ଡିଙ୍କ ନେତୃତ୍ୱରେ ପ୍ରାୟ ୧୦୫ ଏକର ଜମିରୁ ଗଞ୍ଜେଇ ଗଛକୁ କାଟି ନଷ୍ଟ କରି ଦିଆଯାଇଛି। ଏହି ଅଭିଯାନର ପ୍ରଥମ ଦିନରେ ଡିମିରିଗୁଡା, ବଗାଲି, ଉଜାମାସ୍କା ଓ କେକ୍ରିଙ୍ଗିଆ ଅଞ୍ଚଳରେ ଗଞ୍ଜେଇ ଗଛ କଟାଯାଇଛି। ଏଥିରେ ଅବକାରୀ ବିଭାଗର ୧୦ ଓ ପୋଲିସ ବିଭାଗର ୬୦ କର୍ମଚାରୀ ସାମିଲ ହୋଇଥିଲେ। ଫିରିଙ୍ଗିଆ ଥାନାରେ ଏ ନେଇ ନଂ.୯୪/୧୯ ରେ ଏକ ମାମଲା ରୁଜୁ ହୋଇଛି। ଏହି ଅଭିଯାନ ଆଗକୁ ଚାଲିବ ବୋଲି ଥାନା ଅଧିକାରୀ ରାଓ ସୂଚନା ଦେଇଛନ୍ତି।

# କଲିନାଜୁ ଡ୍ୟାମରୁ ମୃତଦେହ ଉଦ୍ଧାର

**ଜି.ଉଦୟଗିରି,୧।୧୧(ଡି.ଏନ.ଏ.):** ଜି.ଉଦୟଗିରି ଥାନା ରଟିଙ୍ଗିଆ ପଞ୍ଚାୟତର କାଲିନାଜୁ ଡ୍ୟାମରୁ ଶୁକ୍ରବାର ପାଣିରେ ଭାସୁଥିବା ଏକ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ କଲିନାଜୁ ଗ୍ରାମର ରାଜ କିଶୋର ପ୍ରଧାନ (୬୦)। ମୃତକଙ୍କ ଭାଇଙ୍କ ଏତଲା କ୍ରମେ ଜି.ଉଦୟଗିରି ପୋଲିସ ନଂ. ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରାଜ କିଶୋର ବୁଧବାରରୁ ନିଖୋଜ ଥିଲେ। ସକାଳେ ତାଙ୍କ ମୃତଦେହ ଡ୍ୟାମରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଦମକଳ ବାହିନୀ ସହାୟତାରେ ମୃତଦେହକୁ ପାଣିରୁ ବାହାର କରିଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୋଲିସ ସନ୍ଧାନୀ କୁକୁର ଆଣି ଘଟଣାସ୍ଥଳରେ ତଦନ୍ତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୋଲିସ କହିଛି।

# ଆମ ପୋଲିସ ସମିତି ବୈଠକ

**ଜି.ଉଦୟଗିରି,୧।୧୧(ଡି.ଏନ.ଏ.):** ଜି.ଉଦୟଗିରି ଥାନା ପରିସରରେ ଗୁରୁବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ଅଧକ୍ଷତା କରି ଜନସାଧାରଣ ଓ ପୋଲିସ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିବା ସହ ଟ୍ରାଫିକ ସମସ୍ୟା, ଚୋରାମଦ ନିୟନ୍ତ୍ରଣ ଓ ୫–ଟି ଏବଂ ମୋ ସରକାର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ମହିଳା ମିଶନ ଶକ୍ତି ନେତ୍ରୀ କୁମୁଦୁନୀ ଦିଗାଲ, ବରିଷ୍ଠ ନାଗରିକ ରସାନନ୍ଦ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଆଇଆଇସି ଚିତ୍ତରଞ୍ଜନ ବେହେରା, ଏସ୍‌ଆଇ କୌଶଲ୍ୟା ବେହେରା, ଏଏସ୍‌ଆଇ ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଉପସ୍ଥିତ ସଭ୍ୟମାନେ।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ରାଇକିଆ,୧।୧୧(ଡ଼ି.ଏନ.ଏ)**

ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟ ଠାରେ ଶୁକ୍ରବାର ରାଜନୀତି ବିଭାଗ ତରଫରୁ ‘ଧାରା ୩୭୦ ଉଚ୍ଛେଦ ପରେ ଭାରତ ପାକିସ୍ତାନ ମଧ୍ୟରେ ସମ୍ପର୍କ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ପ୍ରଦୀପ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଦିବାକର ଦାସ ସ୍ୱାଗତ ଭାଷଣ ଦେବା ସହ ଆଲୋଚ୍ୟ ବିଷୟ ଉପରେ ସଂକ୍ଷିପ୍ତ ଆଲୋକପାତ କରିଥିଲେ। ଅଧକ୍ଷ ଡ. ନାୟକଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭକୁ ବିଭାଗୀୟ ଛାତ୍ରୀ ରୂପଶ୍ରୀ ନାୟକ ଉପସ୍ଥାପନା କରିଥିଲେ। ଅଧ୍ୟାପକ ବେଣୁପାଣି ମହାପାତ୍ର ଅତିଥି ଏବଂ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# କନ୍ଧମାଳ ପୋଲିସର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ଫୁଲବାଣୀ ଅଫିସ,୧।୧୧**

କନ୍ଧମାଳ ପୋଲିସ ପକ୍ଷରୁ ଜିଲା ବଡି ବିଲ୍‌ଡିଂ ଆସୋସିଏଶନ ସହଯୋଗରେ ଗାନ୍ଧୀସ୍ମୃତି ସଭାଗୃହଠାରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାର ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ୬୦ କିଲୋ, ୭୫ କିଲୋରୁ କମ୍ ଓ ୭୫ କିଲୋରୁ ଊର୍ଦ୍ଧ୍ୱ ଏପରି ମୋଟ ୩ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ୬୦ କିଲୋ ବିଭାଗରେ ଦେବାଶିଷ ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ, ଯୁଗଳ ଦିଗାଲ ରୌପ୍ୟ ଓ ସନ୍ଦିପ୍ତ କିଶୋର ଦାସ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୭୫ କିଲୋରୁ କମ୍ ପ୍ରତିଯୋଗିତାରେ କିଶାନ ଦିଗାଲ ସ୍ୱର୍ଣ୍ଣ, ଜେସିମ ଦିଗାଲ ରୌପ୍ୟ ଓ ଶିବ କୁମାର ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୭୫ କିଲୋରୁ ଊର୍ଦ୍ଧ୍ୱ ବିଭାଗରେ ରାଜୀବ ମହାନ୍ତି ସ୍ୱର୍ଣ୍ଣ, ସୁଜିତ୍ କୁମାର ସାହାଣୀ ରୌପ୍ୟ ଓ ଜ୍ୟୋତି କିଶୋର ମହାନ୍ତି ବ୍ରୋଞ୍ଜ ପଦକ ପାଇଥିଲେ। ସମସ୍ତ ବିଭାଗର ପଦକ ବିଜେତାଙ୍କୁ ନେଇ ଫାଇନାଲ ଟାଇଟଲ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସ୍ଥାନ ଅଧିକାର କରି ରାଜୀବ ମହାନ୍ତି କନ୍ଧମାଳ ଗୌରବ ବିବେଚିତ ହୋଇଥିବା ବେଳେ କିଶୋର ଦିଗାଲ ଦ୍ୱିତୀୟ ସ୍ଥାନ ଅଧିକାର କରି କନ୍ଧମାଳ ଶ୍ରୀ ଏବଂ ତୃତୀୟ ସ୍ଥାନ ଅଧିକାର କରି ଦେବାଶିଷ ନାୟକ କନ୍ଧମାଳ କୁମାର ଟାଇଟଲ ହାସଲ କରିଥିଲେ।

ସମସ୍ତ ପ୍ରତିଯୋଗିତାରେ ଜଜ୍ ଭାବେ ମିଷ୍ଟର ଭୁବନେଶ୍ୱର ଟାଇଟଲ ଜିତିଥିବା ନାରାୟଣ ବାରିକ ଓ ମିଷ୍ଟର କଳାହାଣ୍ଡି ଟାଇଟଲ ଜିତିଥିବା ମୁକ୍ତେଶ୍ୱର ମଲ୍ଲିକ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସ୍‌ପି ସିଂ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଏସ୍‌ପି ବିଷ୍ଣୁପଦ ମହାନ୍ତ, ଡିଏସ୍‌ପି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର, ଜିଲା କ୍ରୀଡା ସଂଘ ସଭାପତି ଶିବ ପ୍ରସାଦ ତ୍ରିପାଠୀ ଏବଂ ବରିଷ୍ଠ ନାଗରିକ ସଂଘ ସଭାପତି ରାଜକିଶୋର ବେହେରା ପ୍ରମୁଖ ଯୋଗ ଦେଇ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲା ବଡି ବିଲ୍‌ଡିଂ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥୀ ବିଶ୍ୱାଳ, ଉପଦେଷ୍ଟା ରାଜେନ୍ଦ୍ର କହଁର ପୋଲିସ ତରଫରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଏସ୍‌ପି ସିଂଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।



## ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL–138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ–ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ–ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ–ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ–ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ। ଆମ ରାଜ୍ୟରେ ୬୮ତମ ଗୋ–ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ–ଚିକିତ୍ସା ଶିବିର, ଗୋ–ବତ୍ସା ପ୍ରଦର୍ଶନୀ, ଗୋ–ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ–ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ–ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ–ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ–ସମ୍ପଦର ସମୃଦ୍ଧି ଆଶା କରୁଛି।

ସ୍ୱା./- ଡ଼. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ
ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

06014/13/0009/1920

## ସଂକ୍ଷେପରେ

### ଓଡ଼ିଆ ଭାଷା ସାହିତ୍ୟରେ ଅମ୍ରିତ ସର୍ବୋତ୍ତମ ସ୍ନାତକ



ପାତ୍ରପୁର,୧।୧୧(ଡି.ଏନ୍.ଏ.): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ଶେଷବର୍ଷ ପରୀକ୍ଷାଫଳ ଓ ଯୋଗ୍ୟଭିତ୍ତିକ ମେଧାତାଲିକା ପ୍ରକାଶ ପାଇଛି। ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଭରତପତି ମହାବିଦ୍ୟାଳୟ ଛାତ୍ର ଅମ୍ରିତ ଅଂଶୁମାନ ପଣ୍ଡା ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ଓଡ଼ିଆ ସମ୍ମାନ ବିଭାଗରେ ୩ ବର୍ଷର ମୋଟ ୧୪୦୦ ମାର୍କରୁ ଅମ୍ରିତ ୧୧୦୨ ମାର୍କ ରଖି ବିଶ୍ୱବିଦ୍ୟାଳୟର ସର୍ବୋତ୍ତମ ସ୍ନାତକ ବିବେଚିତ ହୋଇଛନ୍ତି। ଏହାର ଶ୍ରେୟ ସେ ବିଭାଗୀୟ ମୁଖ୍ୟ ଡ. ଅଶୋକ କୁମାର ପଣ୍ଡା ଓ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟଙ୍କୁ ପ୍ରଦାନ କରିଛନ୍ତି। ପ୍ରଥମ ଥର ପାଇଁ ଏହି ମହାବିଦ୍ୟାଳୟର ଛାତ୍ରଙ୍କ ଏହି କୃତିତ୍ୱ ଅଞ୍ଚଳରେ ଖୁସି ଖେଳିଯାଇଛି। ସାହିତ୍ୟ ଓ କଳାକ୍ଷେତ୍ରରେ ଚିକିଟି, ପାତ୍ରପୁର ଇଲାକାର ନାମ ଚର୍ଚ୍ଚାରେ ରହିଥିବା ବେଳେ ସାହିତ୍ୟ ସାଧନା ପାଇଁ ଅମ୍ରିତ ମନ ବଳାଇଥିବା କହିଛନ୍ତି। ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

### ମୋ ଗାଁରେ ତହସିଲ, ମୋ ନିବେଦନ କାର୍ଯ୍ୟକ୍ରମ

କୋଦଳା,୧।୧୧(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ ବେରୁଆଁବାଡ଼ି ପଞ୍ଚାୟତରେ ଶୁକ୍ରବାର ମୋ ଗାଁରେ ତହସିଲ, ମୋ ନିବେଦନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ମୋ ନିବେଦନ ଓ ମୋ ଗାଁରେ ତହସିଲ ମାଧମରେ ୭ ଶହରୁ ଉର୍ଦ୍ଧ ଲୋକଙ୍କ ସମସ୍ୟା ସମାଧାନ ହୋଇଛି। ଏଥିରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା ଓ ବେଗୁନିଆପଡା ବିଡିଓ ପ୍ରଦୀପ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନୀଳାଞ୍ଚଳ ପାଢ଼ୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଚୋରି ଘଟଣାରେ ୨ ଗିରଫ

ଜଗନ୍ନାଥପ୍ରସାଦ,୧।୧୧(ଡି.ଏନ୍.ଏ.): ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୂତି ଗ୍ରାମରେ ଏକ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଟୁନିଆ ନାଇକ ଓ ରୋହିବାଙ୍କର ମହନ୍ତ ସାହୁ। ଟୁନିଆଙ୍କୁ ଚୋରି ଅଭିଯୋଗରେ ଗିରଫ କରିଥିବାବେଳେ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ମହନ୍ତଙ୍କୁ ଗିରଫ କରିଛି। ଅମରେନ୍ଦ୍ର ସାହୁ ଜି. ଉଦୟଗିରିରେ ଚାକିରି କରନ୍ତି। ସେ ପଞ୍ଚଭୂତିରେ ନ ରହି ଜି.ଉଦୟଗିରିରେ ରହୁଥିଲେ। ଗତ ୩୦ ତାରିଖରେ ତାଙ୍କ ଘରର ଗ୍ରୀଲ ଭାଙ୍ଗିଥିବା ଖବର ପାଇ ଅମରେନ୍ଦ୍ର ଗାଁକୁ ଆସିଥିଲେ। ଘରେ ପହଞ୍ଚି କାଠବାକ୍ସକୁ ଭାଙ୍ଗି କେହି ସେଥିରେ ଥିବା କଂସା, ପିତ୍ତଳ ସାମଗ୍ରୀ, ୪ ବସ୍ତା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଗ୍ରାମର ଟୁନିଆ ନାଇକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ସେ ଓ ଅନ୍ୟ ୨ ସହଯୋଗୀ ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଚୋରି ସାମଗ୍ରୀକୁ ଓଡ଼ଗାଁ ନିକଟ ରୋହିବାଙ୍କର ମହନ୍ତଙ୍କୁ ବିକ୍ରି କରିଥିବା କହିଥିଲେ। ପୋଲିସ ମହନ୍ତଙ୍କ ଘରୁ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିଥିଲେ। ନଂ.୧୭୮/୧୯ରେ ମାମଲା ରୁଜୁ କରି ଟୁନିଆ ଓ ମହନ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

### ବୃଦ୍ଧଙ୍କୁ ଆକ୍ରମଣ

ଭଞ୍ଜନଗର,୧।୧୧(ଡି.ଏନ.ଏ): ଭଞ୍ଜନଗର ଜେଲ ପଡ଼ିଆ ପରିସରରେ ବରଗାଁର ଇନ୍ଦ୍ର ମହାରଣା ବହୁଦିନ ହେବ ରହୁଥିଲେ। ଗୁରୁବାର ରାତିରେ ତାଙ୍କୁ କିଛି ଦୁର୍ବୃତ୍ତ କୌଣସି କାରଣରୁ ଆକ୍ରମଣ କରିଥିଲେ। ଶୁକ୍ରବାର ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ଏହା ଦେଖିଥିଲେ ମଧ କେହି ସାହାଯ୍ୟ କରିବାକୁ ଆସି ନ ଥିଲେ। ଏହାପରେ ପୋଲିସ ପାଖରେ ଖବର ପହଞ୍ଚିଥିଲା। ଥାନା ଅଧିକାରୀ ସୁଦୀପ୍ତ ସାହୁ, ଏସ୍ ଆଇ ନିରଞ୍ଜନ ଦାସ ଘଟଣାସ୍ଥଳରେ ପହଞ୍ଚି ଇନ୍ଦ୍ରଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି।

■ ରୋଡ୍ ରୋମିଓଙ୍କ ଦୌରାତ୍ମ୍ୟରେ ଛାତ୍ରୀ ଅତିଷ୍ଠ

# ଉପଜିଲାପାଳ, ଥାନାଧିକାରୀଙ୍କୁ ଦାବିପତ୍ର

ଭଞ୍ଜନଗର,୧।୧୧(ଡି.ଏନ.ଏ.)



ଛାତ୍ରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଷ୍ଟ୍ରିଟ ରୋମିଓମାନେ ଘୂରି ବୁଲୁଛନ୍ତି। ଛାତ୍ରୀମାନଙ୍କୁ ଯିବାଆସିବାବେଳେ କମେଣ୍ଟ ମାରୁଛନ୍ତି, ଯାହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଲେଜ ସମ୍ମୁଖ ରାସ୍ତାଟି ସହରର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବାବେଳେ ଉକ୍ତ ରାସ୍ତାରେ ଗାଡିଗୁଡିକ ଦ୍ରୁତ ଗତିରେ ଯାତାୟାତ କରୁଛି। ଛାତ୍ରୀମାନେ କଲେଜକୁ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଗତ ବୁଧବାର ଗାଡି ଧକ୍କାରେ ଜଣେ ଛାତ୍ରୀ ଆହତ ହୋଇଛନ୍ତି। ତେଣୁ ଗାଡିଗୁଡିକର ବେଗ ନିୟନ୍ତ୍ରଣ ପାଇଁ କଲେଜ ସମ୍ମୁଖରେ ସ୍ପିଡ୍ ବ୍ରେକର ବ୍ୟବସ୍ଥା କରାଯାଉ। କଲେଜ ନିକଟରେ ଲୋକେ ଘରୁ ଓ ଦୋକାନରୁ ବାହାରୁଥିବା ମଇଳା ଆଣି ପକାଉଛନ୍ତି। ଏହାଦ୍ୱାରା କଲେଜ ପରିବେଶ ଦୂଷିତ ହେଉଛି। ଏନ୍ଏସି ପକ୍ଷରୁ ନିୟମିତ ସଫେଇ ହେଉନାହିଁ। ଉଠା ଦୋକାନୀ ସଂଖ୍ୟା ମଧ ବୃଦ୍ଧି ପାଉଛି। ଯାହାକୁ ନେଇ ବିଭିନ୍ନ ସମସ୍ୟା ଉପୁଜିଛି। ଏହିସବୁ ସମସ୍ୟା ସମାଧାନ ପାଇଁ ଛାତ୍ରୀମାନେ ଶୁକ୍ରବାର ଏକାଠି ହୋଇଛନ୍ତି। ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଭଞ୍ଜନଗର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାପରେ ସୁରକ୍ଷା ପାଇଁ ଥାନା ଅଧିକାରୀଙ୍କୁ ମଧ୍ୟ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୋଲିସ ଓ ପ୍ରଶାସନ ପକ୍ଷରୁ ଛାତ୍ରୀମାନଙ୍କୁ ଆଶ୍ୱାସନା ଦିଆଯାଇଛି।

■ ୨୭ରେ ଜିଲାପରିଷଦ ସଭ୍ୟ ଉପନିର୍ବାଚନ

# ପ୍ରାର୍ଥୀ ଚୂଡ଼ାନ୍ତ କଲା ବିଜେଡି

ଛତ୍ରପୁର,୧।୧୧(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଅଧୀନ ୧୯ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଉପନିର୍ବାଚନ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ବିଜେଡି ପ୍ରାର୍ଥୀ ଚୂଡ଼ାନ୍ତ କରିଛି । ପ୍ରମୋଦ କୁମାର ପ୍ରଧାନଙ୍କୁ ପ୍ରାର୍ଥୀ ଭାବେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୟନ କରଛନ୍ତି। ଶୁକ୍ରବାର ଛତ୍ରପୁରସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଖବରଦାତା ଓ ଦଳୀୟ ନେତାଙ୍କ ଉପସ୍ଥିତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏହି ଘୋଷଣା କରିଛନ୍ତି। ପୂର୍ବ ନିର୍ବାଚନ ତୁଳନାରେ ଚଳିତଥର ଯେଭଳି ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବାକୁ ମୁଖ୍ୟମନ୍ତ୍ରୀ କହିଥିବା ଏମ୍‌ପି ସାହୁ ସୂଚନା ଦେଇଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବିଜେଡି ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା,



ଏମ୍‌ପି, ବିଧାୟକ ଉପସ୍ଥିତ ଅଛନ୍ତି।

ବ୍ଲକ ବିଜେଡି ସଭାପତି ସତ୍ପେଶ୍ୱର ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଛତ୍ରପୁର ବିଧାୟକ ଭାବେ ନିର୍ବାଚିତ ହେବା ପରେ ସୁବାସ ଚନ୍ଦ୍ର ବେହେରା ଜିଲାପରିଷଦ ସଭ୍ୟ ପଦବୀରୁ ଇସ୍ତଫା ଦେଇଥିଲେ । ତେଣୁ ଏଠାରେ ଉପନିର୍ବାଚନ ହେଉଛି। ଉପନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ୪ ଜଣଙ୍କ ନାଁ ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିଲା । ସେମାନେ ହେଲେ ପ୍ରମୋଦ କୁମାର ପ୍ରଧାନ, ସବିତା ସେଠୀ, ସଞ୍ଜୟ କୁମାର ବେହେରା ଓ ଦେବରାଜ ପ୍ରଧାନ। ପ୍ରମୋଦଙ୍କୁ ପ୍ରାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ କରିଛନ୍ତି। ଶନିବାର ଶେଷ ଦିବସରେ ସେ ନାମାଙ୍କନପତ୍ର ଦାଖଲ କରିବେ। ଶୁକ୍ରବାର ସୁଦ୍ଧା ଅନ୍ୟ କୌଣସି ଦଳ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ ହୋଇନି।

### ସମିତିସଭ୍ୟ ପଦବୀ ପାଇଁ ୨ ନାମାଙ୍କନପତ୍ର ଦାଖଲ

ଖଲ୍ଲିକୋଟ,୧।୧୧(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ କେଶପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ସୂର୍ଯ୍ୟମଣି ବୈଦ୍ୟ ଗତ ନିର୍ବାଚନରେ ଖଲ୍ଲିକୋଟ ବିଧାୟିକା ନିର୍ବାଚିତ ହୋଇଛନ୍ତି। ଫଳରେ କେଶପୁର ସମିତିସଭ୍ୟ ଆସନଟି ଖାଲି ପଡିଥିଲା। ଏଥିପାଇଁ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଉପନିର୍ବାଚନ ଲାଗି ତେନ୍ତୁଳିଆପଡାର ଉଷାରାଣୀ ଜାଲି ବିଜେଡି ସମର୍ଥିତ ପ୍ରାର୍ଥିନୀ ଭାବେ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କାଦୁଆପଦରର ଭାରତୀ ବେହେରା ଭାଜପା ସମର୍ଥିତ ପ୍ରାର୍ଥିନୀ ରୂପେ ନାମାଙ୍କନପତ୍ର ଦାଖଲ କରିଥିଲେ।

### ସାଇନପଡା ସମିତିସଭ୍ୟ ଲାଗି ପ୍ରାର୍ଥିପତ୍ର ଦାଖଲ

କ.ନୂଆଗାଁ,୧।୧୧(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକର ସାଇନପଡ଼ା ସମିତି ସଭ୍ୟ ପାଇଁ ଆଗାମୀ ୨୭ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ପଦବୀ ଲାଗି ଗତ ୩୧ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେଉଛି। ଆସନ୍ତା ୪ରେ ଯାଞ୍ଚ ଓ ୭ ତାରିଖରେ ପ୍ରତ୍ୟାହାର ହେବ ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ମନୋଜ କୁମାର ତ୍ରିପାଠୀ କହିଛନ୍ତି। ଗୁରୁବାର ପ୍ରାର୍ଥିପତ୍ର ଦାଖଲର ୨ୟ ଦିନରେ ବିଜେଡି ପ୍ରାର୍ଥି ବଳରାମ ମଲିକ କୁଦୁତୁଲି ଛକରୁ ଏକ ବିରାଟ ପଟୁଆରରେ ଆସି ବିଡିଓଙ୍କ ନିକଟରେ ପ୍ରାର୍ଥି ପତ୍ର ଦାଖଲ କରିଥିଲେ। ଏଥିରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲା ସମ୍ପାଦକ କୃଷ୍ଣମୋହନ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ବିଜେଡି ବ୍ଲକ ସଭାପତି ବାସୁଦେବ ପଣ୍ଡା, ସାଇନପଡ଼ା ସରପଞ୍ଚ କୁମୁଦଚନ୍ଦ୍ର ମଲିକଙ୍କ ସମେତ ବ୍ଲକର ୧୪ ପଞ୍ଚାୟତର କର୍ମୀ ଯୋଗଦେଇଥିଲେ। ପ୍ରକାଶ ଯେ, ସାଇନପଡ଼ା ସମିତିସଭ୍ୟ ଚକ୍ରମଣି କହଁର ବିଧାୟକ ହେବା ପରେ ଏହି ପଦବୀରୁ ଇସ୍ତଫା ଦେଇଥିଲେ।

ସ୍ନାତକ ମେଧା ତାଲିକା ବିଳମ୍ବରେ ପ୍ରକାଶିତ

# କେଏସୟୁବି, ସାବିତ୍ରୀ ମହିଳା କଲେଜର ସଫଳତା

ଭଞ୍ଜନଗର,୧।୧୧(ଡି.ଏନ୍.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୨୦୧୮–୧୯ ସ୍ନାତକ ପରୀକ୍ଷା ଫଳ ଗତ ଜୁନ ମାସରେ ପ୍ରକାଶ ପାଇଥିଲା। କିନ୍ତୁ ବିଭିନ୍ନ କାରଣ ଯୋଗୁ ମେଧା ତାଲିକା ପ୍ରକାଶ ହାଇପାରି ନ ଥିଲା। ବୁଧବାର ଉକ୍ତ ତାଲିକା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରୁ ୭ଜଣ ଛାତ୍ରୀଛାତ୍ର ଅଛନ୍ତି। ସେମାନେ ହେଲେ ଦ୍ୱିତୀୟ ସ୍ଥାନରେ ସ୍ୱପ୍ନା ଡ଼ାକୁଆ, ତୃତୀୟ ସ୍ଥାନରେ ସୀମାଞ୍ଚଳ ବିଷୋୟୀ, ଚତୁର୍ଥ ସ୍ଥାନରେ ଦିପ୍ତିମୟୀ ବେହେରା, ପଞ୍ଚମରେ ନିଲୁ ବିଷୋୟୀ, ଷଷ୍ଠରେ ପିଙ୍କି ବେହେରା, ସପ୍ତମ ଜିତେଶ କୁମାର ସାହୁ, ନବମରେ ରମେଶ ବେହେରା ଅଛନ୍ତି। ଇଲୋକ୍ଟ୍ରୋନିକ୍ସରେ ବୁଦ୍ଧିରାମ ନାୟକ ପ୍ରଥମ ଓ କୃଷ୍ଣଚନ୍ଦ୍ର ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆରେ ପ୍ରଶାନ୍ତ କୁମାର ସାହୁ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ କିରଣ ଦେବୀ ସାହୁ ଷଷ୍ଠ ସ୍ଥାନ ଅକ୍ତିଆର କରିଥିବାବେଳେ ପବିତ୍ର ପ୍ରଧାନ ନବମ ସ୍ଥାନରେ ଅଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନରେ ମନିଷା ତ୍ରିପାଠୀ ପଞ୍ଚମ ସ୍ଥାନରେ, ପଦାର୍ଥ ବିଜ୍ଞାନରେ ସୁନିତା ପ୍ରଧାନ ପଞ୍ଚମ ସ୍ଥାନରେ ରହିଛନ୍ତି। ଓଡ଼ିଆରେ ତୃପ୍ତିରାଣୀ ପାଣିଗ୍ରାହୀ ସପ୍ତମ ସ୍ଥାନରେ ଅଛନ୍ତି। ଗୃହ ବିଜ୍ଞାନରେ ଲିପା ନାଇକ ନବମ ସ୍ଥାନରେ ରହିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଅଧକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ଶୁଭେଚ୍ଛା ଜଣାଇଛନ୍ତି।

# ଅଟୋ ଓଲଟି ୫ ଯାତ୍ରୀ ଆହତ

ଛତ୍ରପୁର,୧।୧୧(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ନିକଟରେ ଶୁକ୍ରବାର ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୫ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଗଞ୍ଜାମ ବ୍ଲକ ଗୋଖରକୁଦାର ବି. ଗୁରମ୍ମା, ବି. ଆକାମ୍ମା, ବି. ଦମୟନ୍ତୀ, ବି. କାବେରି ଓ ବି. ଧନୁଷ। ଏମାନଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଗୁରମ୍ମା ଓ ଆକାମ୍ମାଙ୍କୁ ଅଧିକ ଚିକିତ୍ସାଲାଗି ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରକାଶଯେ, ଏକ ଅଟୋ (ଓଆର୦୭ ଏକ୍ସ ୮୯୦୪) ଯାତ୍ରୀ ମାନଙ୍କୁ ନେଇ ଗୋପାଳପୁର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବୁଗୁଡ଼ା/ ଜଗନ୍ନାଥପ୍ରସାଦ, ୧।୧୧(ଡି.ଏନ.ଏ.)

ବୁଗୁଡା ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଗୁଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ତନ୍ମୟ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଇଓ ରସାନନ୍ଦ କର ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଓ ପୀତାମ୍ବର ବିଷୋୟୀ, ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ମହୋତ୍ସବର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଶେଷରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ମଧ ଭାଗ ନେଇଥିଲେ। ମହୋତ୍ସବ ପରିଚାଳନାରେ ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।

ଜଗନ୍ନାଥପ୍ରସାଦ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୧୯ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୀମାଞ୍ଚଳ ଜାନି, ସବିତା ମଲିକ, ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ପଟ୍ଟନାୟକ, ସସ୍ମିତା ନିଶଙ୍କ, ରାଜ୍ୟ ସାଧନ କର୍ମୀ ଅନଦା ତ୍ରିପାଠୀ ମଞ୍ଚାସୀନ ଥିଲେ। ସିଆରସିସି ଜଗବନ୍ଧୁ ରଥ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ୧୪ଟି କ୍ଲଷ୍ଟରରୁ ଆସିଥିବା ପ୍ରାୟ ୮୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ସେମାନଙ୍କ ମଧ୍ୟରୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ପ୍ରତିଯୋଗୀ ଚୟନ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ 'ପରିବେଶ ସୁରକ୍ଷା ଜୀବନ ରକ୍ଷା' ମନ ମୋହିଥିଲା। ରାଜ୍ୟସ୍ତରୀୟ ଗାରିମା ପ୍ରତିଯୋଗିତାରେ ଭାଗନେଇ କୃତକାର୍ଯ୍ୟ ହୋଇଥବା ୧୫ ବିଦ୍ୟାଳୟର ଶିକ୍ଷକଙ୍କୁ ସଭାପତି ଓ ମୁଖ୍ୟ ଅତିଥି



ବୁଗୁଡା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

■ ଶିଶୁ ସୁରକ୍ଷା ନେଇ ସଫଳତା

# ଗଞ୍ଜାମ ଜିଲାପାଳ ସମ୍ମାନିତ

ଛତ୍ରପୁର,୧।୧୧(ଡି.ଏନ.ଏ.)

ଶିଶୁମାନଙ୍କ ସୁରକ୍ଷା ନେଇ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗଞ୍ଜାମ ଜିଲାପାଳ ରାଜ୍ୟସ୍ତରରେ ସମ୍ମାନିତ ହୋଇଛନ୍ତି । ଶୁକ୍ରବାର ଭୁବନେଶ୍ୱରସ୍ଥିତ କିଟ୍ କନଭେନସନ୍ ହଲ୍‌ରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୯ତମ ପ୍ରତିଷ୍ଠା ଦିବସ ସମାରୋହ ହୋଇଥିଲା। ଏଥିରେ ଶିଶୁ ସୁରକ୍ଷା ସଫଳତା ପାଇଁ ଜିଲାପାଳ କୁଲାଙ୍ଗେଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ନିର୍ଭୟ କଢି ଓ ମୋ ଗେହ୍ଲା ଝିଅ ସମେତ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇ ସଫଳତା ମିଳିଛି । ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ମାସର ତୃତୀୟ ଶନିବାର ନିର୍ଭୟ କଢି କାର୍ଯ୍ୟକ୍ରମର ଆୟୋଜନ ହେଉଛି। ବାଲ୍ୟ ବିବାହ ରୋକିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି । ଏଥିସହ ଜିଲାରେ ଶିଶୁ କନ୍ୟା ଜନ୍ମ ପ୍ରତିଶତ ବୃଦ୍ଧି ପାଇଁ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରତି ନବଜାତ କନ୍ୟା ଶିଶୁ ଜନ୍ମଉତ୍ସବ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁସାରେ ପାଳନ ହେଉଛି । ଏଥିସହ ଉକ୍ତ ଶିଶୁର ମା'ଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଉଛି । ସ୍କୁଲ ଛାଡିଥିବା ଶିଶୁଙ୍କୁ ପୁଣି ମୁଖ୍ୟସ୍ରୋତରେ ସାମିଲ କରିବା ସହ ଶିଶୁ ଶ୍ରମିକ ଉଚ୍ଛେଦ କରି ଗଞ୍ଜାମ ଜିଲା ସଫଳତା ପାଇଛି।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ



ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଉଛି।

ଖଲ୍ଲିକୋଟ,୧।୧୧(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ ଲଙ୍ଗଳେଶ୍ୱର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଚିତ୍ତରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୭୪ ଦରଖାସ୍ତ ଆବେଦନ ହୋଇଥିଲା। ୪୮ଟି ପଟ୍ଟା ବଣ୍ଟନ କରାଯାଇଥିଲା। କେଶପୁର ଆର୍‌ଆଇ ପ୍ରଦୀପ୍ତ କୁମାର ଦାସ ଓ ଡେପୁଟି ଆର୍‌ଆଇ ରମେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲଙ୍ଗଳେଶ୍ୱର, ବାକୁଟଗାଁ, ପଥରା, ଓଡିଆ ଆଳପୁର ପ୍ରଭୃତି ଗ୍ରାମପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ। ଜାତିଗତ ଓ ଆୟଗତ ପ୍ରମାଣପତ୍ର, ଗ୍ରାମକଣ୍ଠ ପଟ୍ଟା ବଣ୍ଟନ, ବିପର୍ଯ୍ୟୟ ଜନିତ ଅନୁକମ୍ପା ରାଶି ଲୋକେ କିପରି ସୁବିଧାରେ ପାଇବେ ସେନେଇ ତହସିଲଦାର ମହାନ୍ତ ବୁଝାଇଥିଲେ।

# 'ନରେନ୍ଦ୍ର ମୋଦି ଏବଂ ଭାରତ ପାକିସ୍ତାନ ସମ୍ପର୍କ'

ଭଞ୍ଜନଗର,୧।୧୧(ଡି.ଏନ.ଏ.)




ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବିଡିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର 'ନରେନ୍ଦ୍ର ମୋଦି ଏବଂ ଭାରତ ଓ ପାକିସ୍ତାନ ସମ୍ପର୍କ' ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଯେଭଳି ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ତିକ୍ତତା ଥିଲା ବର୍ତ୍ତମାନ ମଧ୍ୟ ସେଭଳି ତିକ୍ତ ସମ୍ପର୍କ ଦୁଇଦେଶ ମଧ୍ୟରେ ଅଛି। ଜମ୍ମୁ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଏହି ତିକ୍ତତା ଆହୁରି ବଢ଼ିଛି। ଏହା କମାଇବାକୁ ହେଲେ ଦୁଇଦେଶ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ଆଲୋଚନାରେ ଭାଗନେଇ ମତବ୍ୟକ୍ତ କରିଥିଲେ। ଅଧକ୍ଷ ପ୍ରଭାକର ଶତପଥୀ ଅଧକ୍ଷତା କରିଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଯୁକ୍ତ୨ ବୈଷୟିକ ଶିକ୍ଷାନୁଷ୍ଠାନ ଭାରପ୍ରାପ୍ତ ଅଧକ୍ଷ ଡ. ବିନୋଦ ଚନ୍ଦ୍ର ଦାସ, ଡ. ଅଶୋକ କୁମାର ଷଡଙ୍ଗୀ, ବିପିନ ବିହାରୀ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ତପନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ପ୍ରିୟା ସିୟ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଛାତ୍ରୀ ଚିନ୍ମୟୀ ଶତପଥୀ ସନ୍ଦର୍ଭଟିକୁ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧାପକ ମାଧବ ଦଳାଇ ସହଯୋଗ କରିଥିଲେ।

ସେହିଭଳି ଉକ୍ତ କଲେଜ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ମଧ୍ୟ ବିଡିପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ କଲେଜର ବିଭାଗୀୟ ଅଧାପକ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ମୋ ନିବେଦନ, ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ,୧।୧୧ (ଡି.ଏନ୍.ଏ.)- ହିଞ୍ଜିଳିକାଟୁ ତହସିଲ ଓ ବ୍ଲକ ପକ୍ଷରୁ ଶୁକ୍ରବାର ପୋଚିଲିମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୋ ଗାଁରେ ତହସିଲ ଓ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଚିଲିମା, ବୁରୁପୋଡ଼ା, ଶିକିରି, ଚାନ୍ଦୁଲି ଓ ରାଳବ ପଞ୍ଚାୟତବାସୀଙ୍କ ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ଏନ. ରଘୁନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତହସିଲଦାର ଗୋପୀନାଥ କୁଅଁରଙ୍କ ସଂଯୋଜନାରେ ହୋଇଥିବା ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ୧୨୫ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା। ଆବେଦନକାରୀଙ୍କୁ ଜମିପଟ୍ଟା, ସ୍ଥାୟୀ ବାସିନ୍ଦା, ଆୟ, ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ମୋ ନିବେଦନ କାର୍ଯ୍ୟକ୍ରମରେ ୬୩ ହିତାଧିକାରୀଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରାଯାଇଥିଲା । ସରପଞ୍ଚ, ଅତିରିକ୍ତ ତହସିଲଦାର ସୁନୀଲ ପ୍ରଧାନ, ପିଇଓ ଶଙ୍କର ରାଓ, ଶିବ ପ୍ରସାଦ ରଣା, ଅଶ୍ୱିନୀ ସାହୁଙ୍କ ସମେତ ରାଜସ୍ୱ, ବ୍ଲକ ଓ ପଞ୍ଚାୟତର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ମନ୍ଦିର ନିର୍ମାଣ ପାଇଁ ବିଧାୟକଙ୍କୁ ଭେଟିଲେ ଗ୍ରାମବାସୀ

ଗଞ୍ଜାମ,୧।୧୧(ଡି.ଏନ.ଏ.)-ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ. ୯ ପୁଇଁତୋଳା ସାନସାହି ବାସିନ୍ଦା ନୂତନ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ଭେଟିଥିଲେ। ଗ୍ରାମର ଶତ୍ରୁ ଦଳାଇ, ମୋଚିରାମ ବିଶ୍ୱାଳ, କାନ୍ତାରୀ ବିଶ୍ୱାଳ, କାନ୍ତାରୀ ସ୍ୱାଇଁ, ସୁକାନ୍ତ ବିଶ୍ୱାଳ, ଦଣ୍ଡପାଣି ବିଶ୍ୱାଳ ପ୍ରମୁଖ ମନ୍ଦିର ନିର୍ମାଣ ନେଇ ଆର୍ଥିକ ସହାୟତା ଲାଗି ଆଲୋଚନା କରିଥିଲେ। ବିଧାୟକ ନିଶ୍ଚିତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି ।

### ଅକ୍ଷିପ୍ତ ଶିଳା ଅବବାହିକା ଶୀର୍ଷକ ପାଠଚକ୍ର

ଦିଗପହଣ୍ଡି,୧।୧୧(ଡି.ଏନ.ଏ.)-ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ 'ଅକ୍ଷିପ୍ତ ଅବବାହିକା ଶିଳା' (ସେଡ଼ିମେଟେରୀ ବେସିନ) ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ଅନିଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଭାରତୀୟ ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ବରିଷ୍ଠ ଭୂବିଜ୍ଞାନୀ ତଥା କଲେଜର ପ୍ରାକ୍ତନ ଛାତ୍ର ରଞ୍ଜିତ କୁମାର ମାର୍ଥା ପାଠଚକ୍ରରେ ଯୋଗଦେଇ ଭାରତର ବିଭିନ୍ନ ଅବବାହିକା ଗୁଡିକରେ ରହିଥିବା ଶିଳା ଓ ଖଣିଜ ପଦାର୍ଥ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନେ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧାପକ ରବିକିରଣ ପାତ୍ର, ବିବେକାନନ୍ଦ ଦୋରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜୁ ଯୁବ ବାହିନୀ ପକ୍ଷରୁ 'ରକ୍ଷକ' କାର୍ଯ୍ୟକ୍ରମ

ଶେରଗଡ,୧।୧୧(ଡି.ଏନ୍.ଏ.)- ଶେରଗଡ ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଶୁକ୍ରବାର ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ, କନିଷ୍ଠ ଯାନବାହାନ ନିରୀକ୍ଷକ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ଯୋଗ ଦେଇ ଶେରଗଡ ଚାରିଛକରେ ଏକ ସଚେତନତା ସଭାରେ ଯୋଗ ଦେଇଥିଲେ। ହେଲମେଟ ବ୍ୟବହାର, ନିରାପଦ ଗାଡିଚାଳନା, ନିଶାସକ୍ତ ଅବସ୍ଥାରେ ଗାଡି ନଚଳାଇବା, ଟ୍ରାଫିକ ନିୟମ ମାନିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହାପରେ ଶେରଗଡ ବ୍ଲକଠାରୁ ଏକ ବାଇକ ରାଲି ବାହାରି ଥିଲା। ୩ ଅଧିକାରୀଙ୍କ ସମେତ ଶେରଗଡ ବ୍ଲକ ବିଜେଡିର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବିଜୁ ଯୁବ ବାହିନିର ବ୍ଲକ ସଂଯୋଜକ ଆଲୋକ କୁମାର ପଟ୍ଟନାୟକ, ସୁଦିପ ମହାପାତ୍ର, ବାସୁଦେବ ସ୍ୱାଇଁ, ସନ୍ତୋଷ ଗୌଡ, ସାମାଜିକକର୍ମୀ ଦୁର୍ଗା ମାଧବ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ଲଗାଣ ବର୍ଷା, ରୋଗ ପୋକରେ ଫସଲ କ୍ଷତି

# କ୍ଷତିପୂରଣ ଦାବି କଲା ରୟତ ମହାସଭା

**ଛତ୍ରପୁର,୧।୧୧(ଡି.ଏନ.ଏ)**

ଅକ୍ଟୋବର ମାସ ଶେଷ ସପ୍ତାହରେ ହୋଇଥିବା ଲଗାଣ ବର୍ଷା ଯୋଗୁ ଗଞ୍ଜାମ ଜିଲାରେ ଧାନ, ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି । ବାରମ୍ବାର ଆସୁଥିବା ବିପର୍ଯ୍ୟୟରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲାଣି । କେବେ କ୍ଷତିପୂରଣ ମିଳିବ ସେ ନେଇ ଚାଷୀ ଚିନ୍ତାରେ ଅଛନ୍ତି। ଋଣ କରି ଚାଷୀମାନେ ଧାନ ଓ ବିଭିନ୍ନ ଫସଲ କରିଥିଲେ। ଏବେ କିଭଳି ଋଣ ଶୁଝିବେ ସେହି ଚିନ୍ତାରେ ଅଛନ୍ତି ଗଞ୍ଜାମ ଜିଲାର ଚାଷୀକୂଳ। ଚାଷୀମାନେ ପ୍ରିମିୟମ ଦେଇ ଫସଲବୀମା ମଧ୍ୟ କରଛନ୍ତି। ସରକାରୀ କ୍ଷତିପୂରଣ ସହ ଫସଲ ବୀମା ବାବଦରେ ସହାୟତା ତୁରନ୍ତ ପ୍ରଦାନ ପାଇଁ ଋଷିକୁଲ୍ୟା ରୟତ



ବରଙ୍ଗ ଗାଁରେ ଧାନ ଫସଲ ବର୍ଷା ପାଣିରେ ସମ୍ପୂର୍ଣ୍ଣ ବୁଡି ରହିଛି ।

ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି। ଶୁକ୍ରବାର ଏ ନେଇ ଏକ ଚାଷୀ ପ୍ରତିନିଧିଦଳ ପୃଥକ ଭାବେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଓ କୃଷି ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଲଗାଣ ବର୍ଷାରେ ଚାଷ ଜମିରେ ପାଣି ଜମି ରହି ଧାନ ଫସଲ ବିଭିନ୍ନ ସ୍ଥାନରେ ନଷ୍ଟ ହୋଇଯାଇଛି । ବିହନ ମଧ୍ୟ ମିଳିବ ନାହିଁ ବୋଲି ଚାଷୀମାନେ କହିଛନ୍ତି । ପୁଣି ଅଧିକାଂଶ ସ୍ଥାନରେ ଧାନ ପୁଡା ହେଉଥିବା ସମୟରେ ବାର୍‌ହା ଓ ହାତୀଙ୍କ ଉପଦ୍ରବ ଯୋଗୁ ମଧ୍ୟ ଚାଷ ନଷ୍ଟ ହେବାରେ ଲାଗିଛି। କେତେକ ଜମିରେ ବର୍ଷା ପରେ ପରେ ଚକଡ଼ା ରୋଗ ଓ ମାଟିଆ ଗୁଣ୍ଡି ପୋକ ଲାଗି ଧାନ ଫସଲ ନଷ୍ଟ ହେଲାଣି। ଏଣୁ ଚାଷୀମାନେ ସବୁ ଖର୍ଚ୍ଚ କରି ଫସଲ କରିଥିବାବେଳେ ଅମଳ ସମୟରେ ତାହା ନଷ୍ଟ ହୋଇଯିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏସବୁ ସମସ୍ୟା ହୃଦୟଙ୍ଗମ କରି ବିଧିବଦ୍ଧ ତଦନ୍ତ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଓ ଫସଲ ବୀମା ସହାୟତା ପ୍ରଦାନ କଲେ ଚାଷୀମାନେ ଉପକୃତ ହେବ ବୋଲି ରୟତ ମହାସଭା ପକ୍ଷରୁ କୁହାଯାଇଛି। ଅନ୍ୟପଟେ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ଜିଲାପାଳ କହିଥିଲେ।

## ମୋ ନିବେଦନ, ମୋ ଗାଁରେ ତହସିଲ୍



କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି।

**ଆସିକା,୧।୧୧ (ଡି.ଏନ୍.ଏ.)**

ଆସିକା ବ୍ଲକ୍ ନିମିନା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ମୋ ନିବେଦନ ଓ ମୋ ଗାଁରେ ତହସିଲ୍ କାର୍ଯ୍ୟକ୍ରମ ମିଳିତ ଭାବେ ଅନୁଷ୍ଠିତ ହୋଇଥିଲା। ବିଡିଓ ସତ୍ୟ ସୁନ୍ଦର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ତହସିଲଦାର୍ ଆଶୁତୋଷ ଗୌରବ କର, ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର କୁମାର ବିଶୋୟୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ମୋ ନିବେଦନ କାର୍ଯ୍ୟକ୍ରମରେ ୧୭୧ଟି ଅଭିଯୋଗ ଦାଖଲ ହୋଇଥିବାବେଳେ ସେଥିରୁ ୪୦ଟି ଅଭିଯୋଗର ଘଟଣାସ୍ଥଳରେ ସମାଧାନ ହୋଇଥିବା ଆସିକା ବିଡିଓ ରାଉତ ସୂଚନା ଦେଇଛନ୍ତି। ସେହିଭଳି ମୋ ଗାଁରେ ତହସିଲ୍ କାର୍ଯ୍ୟକ୍ରମରେ ସମୁଦାୟ ୬୩ ଅଭିଯୋଗ ଦାଖଲ ହୋଇଥିଲା। ୪୧ ଦାଖଲ ଖାରଜ ମାମଲା ରହିଛି। ଏହିଅବସରରେ ଆସିକା ତହସିଲ୍ ପକ୍ଷରୁ ବସୁନ୍ଧରା ଯୋଜନାରେ ୧୦ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ତହସିଲଦାର୍ କର ସୂଚନା ଦେଇଛନ୍ତି।

## କ୍ୟାମେରା ଅଚଳ, ପାସ୍‌ପୋର୍ଟ ସେବା ବନ୍ଦ

**ଆସିକା,୧।୧୧ (ଡି.ଏନ୍.ଏ.)**

ଆସିକା ମୁଖ୍ୟ ଡାକଘର ପରିସରରେ ଖୋଲାଯାଇଥିବା ପାସ୍‌ପୋର୍ଟସେବାକେନ୍ଦ୍ର ଗତ ଶନିବାରଠାରୁ ଅଚଳ ହୋଇପଡିଛି। ସେବା କେନ୍ଦ୍ରରେ ଥିବା କ୍ୟାମେରା ଅଚଳ ହୋଇଯାଇଥିବାରୁ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏନେଇ ଭୁବନେଶ୍ୱରସ୍ଥିତ ପାସ୍‌ପୋର୍ଟ ସେବାକେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯିବା ପରେ ଗତ ବୁଧବାରଠାରୁ ବିଭାଗୀୟ ବୈଷୟିକ କର୍ମଚାରୀ ଆସିକା ଡାକଘର ସେବା କେନ୍ଦ୍ରରେ ପହଞ୍ଚି କ୍ୟାମେରା ମରାମତି ଲାଗି ଉଦ୍ୟମ କରିଥିଲେ, ମାତ୍ର ସମ୍ଭବ ନ ହେବାରୁ ଏହାକୁ ନେଇ ଯାଇଥିଲେ। ଏ ସମ୍ପର୍କରେ ଆସିକା ଡାକ ମଣ୍ଡଳ ଅଧିକ୍ଷକ ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ପଚାରିବାରୁ ପାସ୍‌ପୋର୍ଟ ଅଧିକାରୀମାନେ ଅଚଳ କ୍ୟାମେରା ସଜାଡିବାକୁ ସପ୍ତାହେ ସମୟ ଲାଗିବ ବୋଲି ପ୍ରକାଶ କରିଥିବା କହିଛନ୍ତି।

ସୂଚନା ଯୋଗ୍ୟ ଗତ ଜାନୁୟାରୀ ୫ରେ ଆସିକା ସମେତ ରାଜ୍ୟରେ ୬ଟି ଡାକଘରେ ଏହି ପାସ୍‌ପୋର୍ଟ ସେବା ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦାଠାରେ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିବା ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାର ଉଦ୍‌ଘାଟନ କରିଥିଲେ। ଆସିକା ପାସ୍‌ପୋର୍ଟ ସେବା କେନ୍ଦ୍ରରେ ଦୈନିକ ୨୦ଜଣ ଆବେଦନକାରୀଙ୍କ ଫଟୋ ଉତ୍ତୋଳନ କରାଯାଇ ସବିଶେଷ ତଥ୍ୟ ପାସ୍‌ପୋର୍ଟ ଅଧିକାରୀଙ୍କ ନିକଟକୁ ପଠାଇବା ବ୍ୟବସ୍ଥା ରହିଛି। କେନ୍ଦ୍ର ଖୋଲାଯିବାପରେ ମାସିକ ହାରାହାରି ୨ରୁ ୩ ଶହ ଜଣ ପାସ୍‌ପୋର୍ଟ ପାଇଁ ଆବେଦନ କରୁଥିଲେ ବୋଲି ଦାୟିତ୍ୱରେ ଥିବା କର୍ମଚାରୀ ପ୍ରତାପ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

## ଡିପିସିଙ୍କ ବିଭିନ୍ନ ବିଦ୍ୟାଳୟ ଗସ୍ତ

ପାତ୍ରପୁର,୧।୧୧(ଡି.ଏନ୍.ଏ.)– ପାତ୍ରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଶୁକ୍ରବାର ଡିପିସି ବିନିତା ସେନାପତି ଓ ଜିଲା କୋର୍ଡିନେଟର ସାବିତ୍ରୀବାଳା ଦାସ ଗସ୍ତ କରିଛନ୍ତି। ବଣଶୋଳା ପ୍ରାଥମିକ ବିଦ୍ୟାଳୟକୁ ପିଲା ଅଭାବରୁ ବନ୍ଦ କରାଯାଇଲା। ସେଠାରେ ପାଠ ପଢୁଥିବା ୭ଜଣ ପିଲା ଆମ୍ବଗାଁ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଉକ୍ତ ଦୁଇ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିବାବେଳେ ଆନ୍ଧ୍ରକୁ ଲାଗିଥିବା ଖାଡଙ୍ଗା ରାଜେନ୍ଦ୍ରପୁର ବିଦ୍ୟାଳୟ ଗସ୍ତ କରିଥିଲେ। ସେଠାରେ କମ୍‌ପିଲା ଥିବାରୁ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଶିକ୍ଷାବର୍ଷ ଠାରୁ ଆନ୍ଧ୍ର ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କୁ ଗ୍ରାମ ବିଦ୍ୟାଳୟରେ ନାମ ଲେଖାଇବେବୋଲି ଗ୍ରାମବାସୀ ପ୍ରତିଶ୍ରୁତି ଦେଇଥିବାବେଳେ ଆବଶ୍ୟକୀୟ ତେଲୁଗୁ ପାଠ୍ୟପୁସ୍ତକ ଠିକ ସମୟରେ ପିଲାଙ୍କୁ ଦେବାକୁ ଦାବି କରିଥିଲେ। ପରେ କରୁଣାକର ବିଦ୍ୟାପୀଠରେ ଚାଲିଥିବା ଡ୍ରିମ୍ ଶିବିରକୁ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାତ୍ରପୁର ଶିକ୍ଷାଧିକାରୀ କୋରେଶୁ ସେଠି, ବିଆର୍‌ସିସି ସୁଶିଳ ପାତ୍ର, ସିଆର୍‌ସିସି ନିରଞ୍ଜନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ସ୍କୁଲ ଛାତ୍ରୀ ଆହତ

ଗଞ୍ଜାମ,୧।୧୧(ଡି.ଏନ.ଏ.)–ଗଞ୍ଜାମ ବ୍ଲକ ବଡ଼ବଜାର ମାଂସ ଦୋକାନ ସମ୍ମୁଖରେ ସ୍କୁଲ ଯିବା ସମୟରେ ସଡ଼କ ଦୁର୍ଘଟଣାରେ ଶୁକ୍ରବାର ଜଣେ ଛାତ୍ରୀ ଆହତ ହୋଇଛନ୍ତି। ସେ ହେଲେ ପୁରୁଣାବନ୍ଧ ଗ୍ରାମର ଗାୟତ୍ରୀ ନାୟକ (୧୪)। ସେ ଗଞ୍ଜାମ ଉଚ୍ଚ ବାଳିକା ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସୂଚନା ମିଳିଛି । ପ୍ରକାଶ ଯେ, ସାନବଜାର ପଟୁ ଜଣେ ବାଇକ୍ ଆରୋହୀ ଆସୁଥିବା ବେଳେ ଛାତ୍ରୀ ଜଣକ ହଠାତ୍ ସାଇକେଲ ଧରି ବାଇକ୍ ଆଗକୁ ଚାଲି ଆସିଥିଲେ। ଫଳରେ ସାଇକେଲ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ସାଇକେଲରୁ ଛାତ୍ରୀ ଜଣକ ଛିଟିକି ପଡ଼ିଥିବା ବେଳେ ଆରୋହୀ କିଛି ଦୂର ଘୋଷାରୀ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଗଞ୍ଜାମ ମେଡ଼ିକାଲରେ ଭର୍ତ୍ତି କରିଥିଲେ।

## ସିଲ୍‌ହେଲା ବେଆଇନ ପାଣି ପାଉଚ ଫ୍ୟାକ୍ଟ୍ରି

**ଖଲ୍ଲିକୋଟ,୧।୧୧(ଡି.ଏନ୍.ଏ.)**

**ତହସିଲଦାରଙ୍କ ଚଢାଉ**

ଖଲ୍ଲିକୋଟ ବ୍ଲକ ଗୁରାପଲ୍ଲୀ ଟୋଲଗେଟ ନିକଟରେ ଥିବା ବେଆଇନ ପାଣି ଫ୍ୟାକ୍ଟ୍ରି 'ସ୍ୱଚ୍ଛ ଜଳ' ଉପରେ ଶୁକ୍ରବାର ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ଓ ଖଲ୍ଲିକୋଟ ପୋଲିସ ପକ୍ଷରୁ ଚଢାଉ କରି ସିଲ୍ କରାଯାଇଛି। ଏଠାରେ ଥିବା ବହୁ ପାଣି ପାଉଚ ବସ୍ତା, ପାଣି ପାଉଚ ପଲିଥିନ ଜବତ କରାଯାଇଥିଲା। ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, କେଶପୁର ଆର୍‌ଆଇ ପ୍ରଦୀପ କୁମାର ଦାସ, ଭେଜିପୁଟ ଆର୍‌ଆଇ ରମେଶ ଜେନା ଏହି ଚଢ଼ାଉରେ ସାମିଲ ଥିଲେ। ସେହିପରି ଖଲ୍ଲିକୋଟ ତହସିଲଦାର ପୋଡା ଇଟା ଟ୍ରାକ୍ଟର ଓ ବାଲି ଗାଡି ୬ଟି ଜବତ କରି ୮୭ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ସାପ କାମୁଡ଼ାରେ ଚାଷୀ ଗୁରୁତର

**ଦିଗପହଣ୍ଡି,୧।୧୧(ଡି.ଏନ.ଏ.)**
ଦିଗପହଣ୍ଡି ନିକଟ ଚାନ୍ଦପୁର ପଞ୍ଚାୟତ କେ.ବାଦପୁର ଗାଁର ଜଣେ ଚାଷୀ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ମିଟୁ ଦଳାଇ। ଜମିରେ ଘାସ କାଟୁଥିବା ବେଳେ ତାଙ୍କ ଗୋଡ଼କୁ ଏକ ବିଷାକ୍ତ ସାପ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

### ବସ୍ ଚକାତଳେ ଚାପି ହୋଇ ସ୍କୁଟି ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଖଲ୍ଲିକୋଟ,୧।୧୧(ଡି.ଏନ.ଏ.)**

ଖଲ୍ଲିକୋଟ ସହର କରଣ ସାହି ରାସ୍ତାରେ ଶୁକ୍ରବାର ଅପରାହ୍ନରେ ବସ୍ ଚକାତଳେ ଚାପିହୋଇ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଦଳା ମାଗୁରା ସାହିର ସୂର୍ଯ୍ୟମଣି ମୁନି। ଏ ନେଇ ୩୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଆସିକାରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ (ନଂ. ଓଡି୦୨ଏଏସ୬୮୯୯) ବିପରୀତ ଦିଗରୁ ଆସୁଥିବା ସ୍କୁଟି ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ମୁନି ତଳେ ପଡ଼ି ଯାଇଥିଲେ। ହେଲ୍‌ମେଟ ପିନ୍ଧିଥିଲେ ସୁଦ୍ଧା ବସଚକା ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଏସ୍‌ଆଇ ସିଲୁ ଧଳ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛନ୍ତି। ବସ୍‌କୁ ଜବତ କରାଯାଇ ଥାନାରେ ରଖାଯାଇଛି। ପରେ ମୃତ ସୂର୍ଯ୍ୟମଣିଙ୍କ ସମ୍ପର୍କୀୟ ଓ ଅଞ୍ଚଳର କେତେକ ବ୍ୟକ୍ତି କ୍ଷତିପୂରଣ ଦାବିରେ ଖଲ୍ଲିକୋଟ ମେଡିକାଲ ଆଗରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ଓ ଆଇଆଇସି ପହଞ୍ଚି ଆର୍‌ଟିଓଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। କୋଦଳା ତହସିଲଦାର ରେଡକ୍ରସ ଫଣ୍ଡରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।



ମେଡିକାଲ ସମ୍ମୁଖରେ ଟାୟାର ଜାଳି ରାସ୍ତାରୋକୋ।

## ଅର୍ଦ୍ଧନିର୍ମିତ ହଳଦିଆପଦର-ଲଉଡ଼ିଗାଁ ରାସ୍ତା



ରାସ୍ତାରେ ପାଣି ଜମି ରହିଛି।

**କନିଷି,୧।୧୧(ଡି.ଏନ୍.ଏ.)**

ହଳଦିଆପଦରଠାରୁ ଲଉଡ଼ିଗାଁ ରାସ୍ତାର ଉନ୍ନତୀକରଣ ପାଇଁ ୨୬ ସେପ୍ଟେମ୍ବର ୨୦୧୮ରେ ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୯ମାସରେ କାର୍ଯ୍ୟ ସମାପ୍ତ ହେବା କଥା, ମାତ୍ର ଏଯାଏ କାମ ସରିନି। ରାସ୍ତା କଡ଼ରେ ଦୁଇ ଫୁଟ ଲେଖାଏ ଖାଲଖମା ହୋଇ ରହିଛି। ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିଲେ ମଧ୍ୟ ଠିକାଦାରଙ୍କ ଅବହେଳା ଯୋଗୁ କାମ ହୋଇପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏହି ରାସ୍ତାଦେଇ ରାଳବର ଅଷ୍ଟଶମ୍ଭୁ, ଷଣ୍ଢେଶ୍ୱର ମନ୍ଦିର, ଘରୋଇ ଶିକ୍ଷାନୁଷ୍ଠାନ ସହ ୧୫ ଖଣ୍ଡ ଗ୍ରାମବାସୀ ଯାତାୟାତ କରିଥାନ୍ତି। କାର୍ତ୍ତିକ ମାସ ଯୋଗୁ ବହୁ ଭକ୍ତ ଷଣ୍ଢେଶ୍ୱର ଶିବ ମନ୍ଦିରକୁ ଯିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ରାତ୍ର ସମୟରେ ଯାତାୟାତ ପାଇଁ ହଳଦିଆପଦରଠାରୁ ରାଳବ ପର୍ଯ୍ୟନ୍ତ ଆଲୋକୀକରଣ ପାଇଁ ମଧ୍ୟ ଦାବି ହୋଇଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ